


# କଂସାରିଗୁଡ଼ା ଆଦିତ୍ୟ ବିର୍ଲା ରିଫାଇନେରୀ କମ୍ପାନୀ ମାଟି ଲେବେଲିଂଗ କାମ ଆରମ୍ଭ



ରାୟଗଡ଼ା,(ପି.ଏନ): କାଶୀପୁର ବ୍ଲକ ପଡ଼ାପାଡି ପଞ୍ଚାୟତ କଂସାରିଗୁଡ଼ା ଅଦିତ୍ୟ ବିର୍ଲା ରିଫାଇନେରୀ କମ୍ପାନୀ ମାଟି ଲେବେଲିଂଗ ମୈତ୍ରୀ କମ୍ପାନୀ ଦ୍ୱାରା କାମ ଆରମ୍ଭ ହୋଇଛି । ଅଞ୍ଚଳ ବାସୀଙ୍କ ମନରେ କମ୍ପାନୀ ଆରମ୍ଭ କୁ ନେଇ ଖୁସି ଦେଖିବାକୁ ମିଳିଛି । କାମ ଆରମ୍ଭ କୁ ନେଇ କଂସାରି ଗୁଡ଼ା ଅଞ୍ଚଳ ର ଜମିହରା ,ବିସ୍ଥାପିତ , ପ୍ରଭାବିତ ଓ କ୍ଷତିଗ୍ରସ୍ତ ଲକେ କାମ ସାଇଡ ରେ ଆଦିତ୍ୟ ବିର୍ଲା କମ୍ପାନୀ ସି.ଇ.ଓ ମଜ୍ହର ବେଗ୍ ଙ୍କୁ ଡ଼ାକି ଧନ୍ୟବାଦ୍ ଜଣାଇ ଥିଲେ । ବେଗ୍ ବହୁତ ଆନନ୍ଦିତ ସହ ଲୋକଙ୍କୁ ଧନ୍ୟବାଦ ଜଣାଇବା ସହ ଆପଣ ମାନଙ୍କ ର ଦୀର୍ଘ ବର୍ଷର ପରିଶ୍ରମ ଓ ଆଗ୍ରହ ଇଛା ବଳରେ ଆଜି କାମ ଆରମ୍ଭ ହୋଇପାରିଛି ବୋଲି କୋହିଥିଲେ । ଏହି ସମୟରେ କମ୍ପାନୀ ଅଞ୍ଚଳ ର ତିନୋଟି ବ୍ଲକ୍ ର ଲୋକେ ଉପସ୍ଥିତ ଥିବା ବେଳେ ପୁହୂଣ୍ଡି ଡ଼ମ୍ ସାହିର ମା ମାନେ ବହୁ ମାତ୍ରାରେ ଉପସ୍ଥିତ ରହି କାମ ଆରମ୍ଭ ହେଲେ ବେକାରୀ ସମସ୍ୟା ଦୂର ହେବା ସହିତ ଆମ ପୁଅ ଝିଅ ମାନେ ପାଠ ପଢି ବେକାର ଅଛନ୍ତି ରୋଜଗାର ପାଇବେ ଅଞ୍ଚଳ ଉନ୍ନତୀ ହବ ବୋଲି ଖୁସି ହେବା ସହିତ କମ୍ପାନୀ ସି.ଇ.ଓ ଙ୍କୁ ଧନ୍ୟବାଦ୍ ଜଣାଇ ଥିଲେ । ବିକାଶ ପରିଷଦ ସଭାପତି ଡଉଲ ଚୌଧରୀ, ବିଦ୍ୟାଧର ରନ୍ ଚୌଧରୀ, ରାଜେନ୍ଦ୍ର ଦୁରିଆ, ନୀଳକଣ୍ଠ ଝୋଡ଼ିଆ, ସରଜ ନାଏକ, ରବୀନ୍ଦ୍ର କୁମାର ପାଲ୍, ଜବାହାର ଲାଲ୍ ବାଗ୍, ସୁବାସ ବାଗ, କଂସାରି ଜାନି, ଲକ୍ଷ୍ମୀଧର ବାଗ, ଅର୍ଜୀ ମାଝୀ, ବୈବସୂତ, ଅଗସ୍ତି ବାଗ, ବିପିନ ମାଣ୍ଡିଙ୍ଗା, କର୍ଣ୍ଣ ଝୋଡିଆ, ଜ୍ୟତି ରନ୍ ଚୌଧରୀ, ଯାଦବ ଚୌଧରୀ, ଦୀନ ଝୋଡିଆ , ସୁରେନ୍ଦ୍ର ବାଗ, ଅନ୍ୟ ମାନେ ଉପସ୍ଥିତ ରହି ପୂହୁଣ୍ଡି ନୂଆସାହି ଗାଁ କିପରି ଡିପି ହବ ସେ ନେଇ ଆଲଚନା କରିବା ସହ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ନିଯୁକ୍ତି, ଅଞ୍ଚଳ ବାସୀଙ୍କ ରୋଜଗାର ଓ ନିଯୁକ୍ତି, ଖଣି ପାଣି ହରାଉ ଥିବା ଗ୍ରାମର ଲୋକଙ୍କୁ ସ୍ଥାୟୀ ନିଯୁକ୍ତି ଓ ଅଞ୍ଚଳ ରେ ବିକାଶ କେମିତି ହୋବ ସେ ନେଇ ଆଲୋଚନା କରିଥିଲେ ।

# କେନ୍ଦୁଝର , କାଳୀ ପଡିଆ ଠାରେ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ୨୦୨୫ ଉଦଘାଟିତ



କେନ୍ଦୁଝର ,(ପି.ଏନ): କେନ୍ଦୁଝର ଫରେଷ୍ଟ ଡିଭିଜନ ଏବଂ ମେଡିସିନାଲ ପ୍ଲାଣ୍ଟ ବୋର୍ଡ ଓଡିଶା ମିଳିତ ଆନୁକୂଲ୍ୟରେ ଆଞ୍ଚଳିକ କଳିଙ୍ଗ ହର୍ବାଲ୍ ମେଳା ୨୦୨୫ ଉଦଘାଟନ ହୋଇଯାଇଛି ।ଏହି ଉଦଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସାଂସଦ ଶ୍ରୀଯୁକ୍ତ ଅନନ୍ତ ନାୟକ ଯୋଗଦାନ କରିଥିଲେ, ଶ୍ରୀଯୁକ୍ତ ନାୟକ ନିଜ ଅଭିଭାଷଣ ରେ ହର୍ବାଲ୍ ଔଷଧ ର ଉପଯୋଗୀତା ତଥା ଏହାର ବ୍ୟବହାର ବିଷୟରେ ମତବ୍ୟକ୍ତ କରିଥିଲେ ।ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ଧରଣୀଧର ମହାବିଦ୍ୟାଳୟ କୁଳପତି ତଥା ମୁଖ୍ୟବକ୍ତା ଶ୍ରୀଯୁକ୍ତ ପ୍ରତାପ ମହାନ୍ତି, ମୁନିସିପାଲିଟି ଅଧ୍ୟକ୍ଷା ଶ୍ରୀମତୀ ନୀଳୁ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସାଗରିକା ସାହୁ, ଓ ଆଇ. ଏଫ୍. ଏସ୍ ଶ୍ରୀଯୁକ୍ତ ଧନରାଜ ଏଚ୍ ଡି ପ୍ରଭୃତି ନିଜ ନିଜ ଭାଷଣରେ ହର୍ବାଲ ଔଷଧ ଓ ଏହାର ଉପଯୁକ୍ତ ବ୍ୟବହାର ବିଷୟରେ ମତବ୍ୟକ୍ତ କରିଥିଲେ ।ତା ସହ ହର୍ବାଲ ପ୍ଲାଣ୍ଟେସନ ର ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ତା ସହ ବିଭିନ୍ନ ଦିଗ ପ୍ରତି ମଧ୍ଯ ପ୍ରଶାସନ ଧ୍ୟାନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।ଏହି ମେଳା ୨୭ ତାରିଖରୁ ୩ ତାରିଖ ଯାଏଁ ଅନୁଷ୍ଠିତ ହେବ ।ଏହି ହର୍ବାଲ୍ ମେଳା ଦେଖିବାକୁ ଲୋକ ମାନଙ୍କ ମଧ୍ୟରେ ଆଗ୍ରହ ବଢିବାରେ ଲାଗିଛି ।

## ବେସରକାରୀ ବସ ଓ ଟ୍ରକ ମାଲିକ ସଂଘକୁ ଆର ଟି ଓ ଙ୍କ ଚିଠି

ନୂଆପଡା ଜିଲ୍ଲା ଆର ଟି ଓ ବେସରକାରୀ ବସ ଓ ଟ୍ରକ ମାଲିକ ସଂଘର ସଭାପତିଙ୍କୁ ଆସନ୍ତା ଗ୍ରୀଷ୍ମ ପ୍ରବାହ ନିମନ୍ତେ କିଛି ନିୟମ ପାଳନ କରିବାକୁ ଆର ଟି ଓ ଚିଠି ମାଧ୍ୟମରେ ଜଣାଇଛନ୍ତି । ସେ ଲେଖିଛନ୍ତି ଯେ ଓଡିଶା ସରକାର ଓ ନୂଆପଡା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତ୍ୟଧିକ ଖରାରେ ବସ ଚଳାଚଳ ଦିନ ଏଗାର ଟାରୁ ତିନିଟା ପର୍ଯ୍ୟନ୍ତ ବନ୍ଦ ରହିବ ତା ସଂଗେ ସଂଗେ ବସ ମାନଙ୍କରେ ପାନୀୟଜଳ ଓ ଓ ଆର ଏସ ପାଉଡର ରଖିବାକୁ, କ୍ଷମତା ଠାରୁ ଅଧିକ ଯାତ୍ରୀ ନ ଚଢାଇବା,ବସଷ୍ଟପ ଓ ବସଷ୍ଟାଣ୍ଡ ମାନଙ୍କରେ ଜଳଛତ୍ର ଖୋଲିବାକୁ,କୌଣସି ବସଷ୍ଟପ ପାଖରେ ଯଦି ଆବଶ୍ୟକ ପଡେ ତୁରନ୍ତ ଅସ୍ଥାୟୀ ବିଶ୍ରାମଗୃହ ନିର୍ମାଣ କରିବା ପାଇଁ ଆର ଟି ଓ ଙ୍କ ସହ କଥାହୋଇ ସହଯୋଗ କରିବାକୁ, ସଂଘର କର୍ମକର୍ତ୍ତା ଦ୍ୱାରା ଲୋକଙ୍କୁ ଗ୍ରୀଷ୍ମ ପ୍ରବାହରୁ କି ପରି ମୁକୁଳିହେବ ସେ ବିଷୟ ରେ ସଚେତନ କରାଇ ବା,ପରିବହନ ମାନଙ୍କରେ ପୋଷ୍ଟର ଲଗାଇବା ପାଇଁ ଅନୁରୋଧ କରିଛନ୍ତି ।

# ବଣିଆପାଟ ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ



କେନ୍ଦୁଝର,(ପି.ଏନ): ଅନୁଧ୍ୟାନ ପେପର (ସୁଢଳ କୁମାର ସେଠୀ ଙ୍କ ରିପୋର୍ଟ) ସ୍ଥାନୀୟ କଲେଜରୋଡ ସ୍ଥିତ ବଣିଆପାଟ ଶିଶୁ ମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଦ୍ୟାଳୟ ଶିଶୁ ଭାଇ ଓ ଭଉଣୀ ମାନଙ୍କ ଦ୍ୱାରା ବିଜ୍ଞାନ ନାଟକ , ବିଜ୍ଞାନ ପ୍ରଶ୍ନମଞ୍ଚ , ବୈଜ୍ଞାନିକମାନଙ୍କ ଜୀବନୀ କଥନ , ବିଜ୍ଞାନ ପ୍ରୟୋଗ ଓ ସ୍ୱଳ୍ପ ମୂଲ୍ୟ ବା ବିନାମୂଲ୍ୟର ଉପକରଣ ପ୍ରଦର୍ଶନ ଏବଂ ଶେଷରେ ପ୍ରାଚୀର ପତ୍ର ଉନ୍ମୋଚନ ହୋଇଥିଲା । ଶିଶୁ ବାଟିକା ବିଭାଗର ଶିଶୁ ମାନଙ୍କ ଦ୍ୱାରା ଭାରତୀୟ ବୈଜ୍ଞାନିକ ମାନଙ୍କ ଫଟୋ ପ୍ରଦର୍ଶନ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସମାରୋପ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପ୍ରାକ୍ତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ସୁଶୀଳ କୁମାର ନାୟକ ଯୋଗଦେଇ ଆଜିର ଦିବସର ସମ୍ବନ୍ଧରେ ମାର୍ଗଦର୍ଶନ କରିବା ସଂଗେ ସଂଗେ ବିଜ୍ଞାନର ଉପଯୋଗିତା ସମ୍ବନ୍ଧରେ ମାର୍ଗ ଦର୍ଶନ କରିଥିଲେ । ପରିଚାଳନା ସମିତିର ସଂପାଦକ ଭାଗୀରଥି ଗିରିଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ପରିଚାଳନା ହୋଇଥିଲା ବେଳେ ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ସଂଗେ ଛାତ୍ର ଓ ଛାତ୍ରୀ ମାନେ ଏଥିରେ ସହଯୋଗ କରିଥିଲେ ।

# ରଙ୍ଗନାଥ ଦେବଙ୍କ ପିଠର ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ



ବାଣପୁର, (ପି.ଏନ):ଖୋର୍ଦ୍ଧା ଜିଲ୍ଲା ବାଣପୁରର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଶ୍ରୀ ରଙ୍ଗନାଥ ଦେବଙ୍କ ପିଠର ଉନ୍ନତିକରଣ ନିମନ୍ତେ ତା. ୨୫/୦୨ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଶ୍ରୀ ଶ୍ରୀ ଶ୍ରୀ ରଙ୍ଗନାଥ ଦେବ ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ଆନୁକୂଲ୍ୟରେ ମନ୍ଦିର ପରିସରରେ ଜାରି ରହିଥିବା ତିନି ଦିବସୀୟ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇ ଉକ୍ତ ଉନ୍ନୟନମୂଳକ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମନ୍ତ୍ରୀ ଶ୍ରୀ ହରିଚନ୍ଦନ । ଏହି ଅବସରରେ ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁମନ୍ତ ପଟ୍ଟନାୟକ, ସମାଜସେବୀ ନନ୍ଦ କିଶୋର ମିଶ୍ର, ବାଣପୁର ନଗର ମଣ୍ଡଳ କାର୍ଯ୍ୟକାରୀ ସଭାପତି ରବିନାରାୟଣ ମିଶ୍ର, ଶ୍ରୀ ଶ୍ରୀ ଶ୍ରୀ ରଙ୍ଗନାଥ ଦେବ ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ସଭାପତି ପବନ କୁମାର ରାମ, ସମ୍ପାଦକ ମନୋଜ କୁମାର ଅଗ୍ରୱାଲ,ବରିଷ୍ଠ ସଭ୍ୟ ରାଧାମୋହନ ଅଗ୍ରୱାଲ, ଗିରିଧାରୀ ପାତ୍ର, ଅଶୋକ ପାତ୍ର,ଦେବଦତ୍ତ ପାତ୍ର, ସଚ୍ଚିଦାନନ୍ଦ ପରିମାଣିକ,ରଙ୍ଗନାଥ ଦେବ ମନ୍ଦିର କମିଟି ସଭାପତି ଦାଶରଥି ସାହୁ, ସମ୍ପାଦକ ରବି ପ୍ରଧାନ, ବରିଷ୍ଠ ସଭ୍ୟ ଆଇନଜୀବୀ ଶ୍ୟାମ ସୁନ୍ଦର ମିଶ୍ର, ଦେବଦତ୍ତ ପାଣି, ବାଳମୁକୁନ୍ଦ ଦାସ ଏବଂ ଉଭୟ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ରଙ୍ଗନାଥ ଦେବ ପିଠ ପରିସରରେ ଛାତ ନିର୍ମାଣ ଏକ ଜରୁରୀ କାର୍ଯ୍ୟ ହୋଇଥିବା ବେଳେ ଦୀର୍ଘ ବର୍ଷ ହେଲା ଏଥିନିମନ୍ତେ ଉଭୟ କମିଟି ପକ୍ଷରୁ ପ୍ରଚେଷ୍ଟା ଜାରି ରହିଥିଲା । ତେବେ ନିକଟରେ ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ପକ୍ଷରୁ ଏ ନେଇ ମାନ୍ୟବର ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିବା ବେଳେ, ମନ୍ତ୍ରୀ ତୁରନ୍ତ ଉକ୍ତ ପ୍ରକଳ୍ପକୁ ଅନୁମୋଦନ କରିବା ସହ ଏହାର ଶୁଭ ଦେଇଛନ୍ତି କ୍ଷ ଏବଂ ଆସନ୍ତା ରଥଯାତ୍ରା ମଧ୍ୟରେ ଉକ୍ତ କାର୍ଯ୍ୟ ଶେଷ ହେବ ବୋଲି ଉପସ୍ଥିତ ଭକ୍ତମାନଙ୍କୁ ସୂଚନା ଦେଇଥିଲେ । ଯାହାଫଳରେ ଭକ୍ତମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ଏହି ଅବସରରେ ମାନ୍ୟବର ମନ୍ତ୍ରୀଙ୍କୁ ୧୦୮ ହନୁମାନ ଚାଳିଶା ଯଜ୍ଞ କମିଟି ପକ୍ଷରୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ମନ୍ଦିର ଉନ୍ନୟନ ପ୍ରକଳ୍ପ ଅନୁମୋଦନ କରିଥିବାରୁ ମନ୍ତ୍ରୀଙ୍କୁ ସମସ୍ତ ଭକ୍ତମାନେ କୃତଜ୍ଞତା ଜଣାଇଛନ୍ତି ।

# କୁରେଶ୍ୱର ସରପଞ୍ଚ ବିଜୟଲକ୍ଷ୍ମୀ ନିଲମ୍ବିତ



କୋମନା,(ପି.ଏନ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ କୁରେଶ୍ୱର ଗ୍ରାମପଞ୍ଚାୟତ ସରପଞ୍ଚ ବିଜୟଲକ୍ଷ୍ମୀ ବରାଳ ଙ୍କୁ ଓଡିଶା ସରକାର ଙ୍କ ପଂଚାୟତ ରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ନିଲମ୍ବିତ କରାଯାଇଛି ।ନୂଆପଡା ଜିଲ୍ଲାପାଳ ଙ୍କ ରିପୋର୍ଟ ଆଧାର ରେ ସେ ପଂଚାୟତ ନିର୍ବାହୀ ଅଧିକାରୀ ଙ୍କ ସହ ମିଶି ଗ୍ରାମପଞ୍ଚାୟତ କୁ ରାଜ୍ୟ ଓ କେନ୍ଦ୍ର ଅର୍ଥ ଆୟୋଗ ଅନୁଦାନ ପାଣ୍ଠି ରୁ କାମ ନ କରି ପ୍ରକଳ୍ପ ନାମରେ ଟ ୭୬୧୮୮୧/-ଟଙ୍କା ଆତ୍ମସାତ ରେ ସମ୍ପୃକ୍ତି ଅଭିଯୋଗ ର ବିଚାର କରି ଗ୍ରାମପଞ୍ଚାୟତ ଆଇନ ଅନୁଯାୟୀ ସରପଞ୍ଚ ପଦ ରୁ ନିଲମ୍ବିତ କରିଥିବା ଜଣାପଡିଛି । ପୂର୍ବରୁ ଜିଲ୍ଲାପାଳ ସମ୍ପୃକ୍ତ ନିର୍ବାହୀ ଅଧିକାରୀ ବରୁଣ ଦାସ ଙ୍କୁ ନିଲମ୍ବନ କରି ସାରିଥିବାବେଳେ ସରପଞ୍ଚ ଙ୍କ ଦୁଇ ପୁଅ ଘୁଚାଗୁଡା ପଂଚାୟତ ନିର୍ବାହୀ ଅଧିକାରୀ ସତ୍ୟବ୍ରତ ଓ ଉତ୍ତମ ଙ୍କୁ ଏହି ଦୁର୍ନୀତି ରେ ସମ୍ପୃକ୍ତି ଅଭିଯୋଗ ରେ ଦୁର୍ନୀତି ନିବାରଣ ବିଭାଗ ଗିରଫ କରିସାରିଛି ।

# ନୂତନ ସରକାରୀ ନିର୍ବାହୀଯନ୍ତ୍ରୀ ଙ୍କୁ ସ୍ୱାଗତ

ରାଇରଙ୍ଗପୁର -୨୮/୨ : ମୟୁରଭଞ୍ଜ ଜିଲ୍ଲାର ବିଜାତଳା ବ୍ଲକ ରେ କୁମାରୀ ବିମଳା ମାଣ୍ଡି ନୂତନ ସରକାରୀନିର୍ବାହୀ ଯନ୍ତ୍ରୀ ଭାବେ ଯୋଗଦାନ କରିଛନ୍ତି କ୍ଷ ସେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ରେ କାର୍ଯ୍ୟରତ ଥିଲେ କ୍ଷ ଏଠାରେ ଥିବା ମୋନାଲିସା ନାଏକ ମୟୁରଭଞ୍ଜ



ଜିଲ୍ଲା ପରିଷଦ କୁ ବଦଳି ହୋଇ ଯାଇଛନ୍ତି କ୍ଷବିଜାତଳା ବ୍ଲକ ରେ ନିର୍ବାହୀ ଯନ୍ତ୍ରୀ ପଦବୀ ଖାଲି ପଡିରହିଥିଲା କ୍ଷ ନୂତନ ଭାବେ ଯୋଗଦାନ କରିଥିବାନିର୍ବାହୀ ଯନ୍ତ୍ରୀ ଙ୍କୁ ଆଜି ବିଜାତଳା ପଂଚାୟତ ସମିତି ଉପାଧ୍ୟକ୍ଷା ଶ୍ରୀମତୀ ରୂପିମଣି ଟୁଡୁ, ଚଢ଼େପାହାଡି ସମିତି ସଭ୍ୟା କୁନି ସର୍ଦାର,ବିଜାତଳା ସମିତି ସଭ୍ୟ ଡିବା ଟୁଡୁ,ବନକାଟି ସମିତି ସଭ୍ୟା ସଂଗୀତାରାଣୀ ହେମ୍ବ୍ରମ, ସରଗଡା ସମିତି ସଭ୍ୟ ରବୀନ୍ଦ୍ରନାଥ ମୁଣ୍ଡା,ଲୁହାଶିଳା ସମିତି ସଭ୍ୟା ଶୁକ୍ରମଣୀ ମାର୍ଣ୍ଡି, ସମାଜ ସେବୀ ସୁପାଇ ଟୁଡୁ, ପୂର୍ବତନ ମାଣିପୁର ସମିତି ସଭ୍ୟ ଦୁଃଖିଶ୍ୟାମ ଟୁଡୁ,ଭଲଭଦ୍ର ମଣ୍ଡଳ,ସୁଶୀଳା ଟୁଡୁ,ରାଜେନ୍ଦ୍ର ମାର୍ଣ୍ଡି,ବିଜୟ ଦାସ ଏବଂ କୁନା ମୁଣ୍ଡା ଉପସ୍ଥିତ ରହିଥିଲେ କ୍ଷସରକାରୀ ନିର୍ବାହୀ ଯନ୍ତ୍ରୀ ବ୍ଲକ ର ଉନ୍ନତି ପାଇଁ କାର୍ଯ୍ୟ ଆଗେଇ ନେବା ପାଇଁ ପ୍ରତିଶୃତି ଦେଇଥିଲେ କ୍ଷ ଏହି ସମ୍ବର୍ଦ୍ଧନା ସମୟରେ ସରକାରୀ ନିର୍ବାହୀ ଯନ୍ତ୍ରୀ ଙ୍କ ସହ ମାତୃଭାଷା ସାନ୍ତାଳୀ ଆଲୋଚନା ଏକ ଖୁସିର ମାହାଲ ସୃଷ୍ଟି କରିଥିଲା ।

# ବ୍ଲକ ସ୍ତରୀୟ ଆଇନ ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ



କୋରାପୁଟ,(ପି.ଏନ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକରେ ରହିଥିବା ସଭାଗୃହ ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସି.ଏସ.ଏନ.ଆର ଇଣ୍ଡିଆ ଆନୁକୂଲ୍ୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଉକ୍ତ ସଭାରେ ଦଶମନ୍ତପୁର ପଞ୍ଚାୟତ ସମିତିରେ ଥିବା ଗ୍ରାମ ପଞ୍ଚାୟତରୁ ସରପଞ୍ଚ, ସମିତି ସଭ୍ୟ / ସଭ୍ୟା, ସମାଜସେବୀ, ଅଙ୍ଗନବାଡି କର୍ମୀ, ସି ଆର ପି, ବୁଦ୍ଧିଜୀବୀ, ଗ୍ରାମ ସଭା ମୋବିଲାଇଜର ତଥା ପାରା ଲିଗାଲ ଭୋଲ୍ୟୁଣ୍ଟର ଯୋଗ ଦେଇଥିଲେ ଓ କୋରାପୁଟରେ ମୁଖ୍ୟତଃ ମହିଳା ମାନଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନା, ଶିଶୁ ମାନଙ୍କ ପ୍ରତି ହେଉଥିବା ଯୌନ ଶୋଷଣ, ଅନୁସୂଚିତ ଜାତି ଓ ଜନଜାତିଙ୍କ ପ୍ରତି ହେଉଥିବା ଅତ୍ୟାଚାର ଇତ୍ୟାଦି ର କିପରି ଆଇନଗତ ସହାୟତା ମିଳିପାରିବ । ସେନେଇ ଏହାକୁ ଆଧାରକରି ଏହି ଶିବିର ଅନୁଷ୍ଠିତ ହୋଇଥିଲା ଓ ଏହି କାର୍ଯ୍ୟକ୍ରମକୁ ସି.ଏସ.ଏନ.ଆର. ସଂଯୋଜକ ତଥା ଓକିଲ ଅଜୟ କୁମାର ଖୋସ୍ଲା ପରିଚାଳନା କରିଥିଲେ ଓ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟା ଲଳିତା ଯାନୀ ସଭାପତିତ୍ୱ କରିବା ସହ, ଜି ପି ଡ଼ି ଓ ବେଦବ୍ୟାସ ହରିପାଳ, ସରପଞ୍ଚ ସଂଘ ସଭାପତି ସାଇବାଣି ଯାନୀ, ଆଡ଼ଭୋକେସି ଅଫିସର ଜ୍ଞାନସାଗର ନାୟକ, ସୁନୀଲ କୁମାର ମିଶ୍ର, ବ୍ଲକ ପେସା ସଂଯୋଜକ ପଙ୍କଜ କୁମାର ହିଆଲ, କନେଷ୍ଟେବଲ କୃଷ୍ଣପ୍ରିୟା ସିଙ୍ଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଗ୍ରଗାମୀର ହରି ଗୌଡ଼, ଶୋଭା ଅନୁଷ୍ଠାନର ବ୍ଲକ ସଂଯୋଜକ ସଦନ ସାଉଁତା ତଥା ଦଶମନ୍ତପୁର ଅଞ୍ଚଳରୁ ଅନେକ ଲୋକମାନେ ଯୋଗ ଦେଇଥିଲେ ଓ ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ରମକୁ ସଭା ପରିଚାଳନା କାରିଙ୍କ ଦ୍ୱାରା ଏହାକୁ ପରି ସମାପ୍ତି କରାଯାଇଥିଲା ।

# ପିଡିତ ଅଜୁ ନାଏକ ପରିବାରଙ୍କୁ ଭେଟିଲେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି



ପାଲଲହଡ଼ା,(ପି.ଏନ): ପାଲଲହଡ଼ା ଥାନା ନନ୍ଦିନିପାଲି ଠାରେ କିଛି ଦିନ ତଳେ ଘଟିଥିବା ଲୋମହର୍ଷଣକାରୀ ଘଟଣା ପୀଡିତ ଅଜୁ ନାଏକ ପରିବାରକୁ ପାଲଲହଡା ବିଧାୟକ ଅଶୋକ ମହାନ୍ତି ଓ ବିଜେପି କାର୍ଯ୍ୟକର୍ତ୍ତା ଭେଟି ସମବେଦନା ଜଣାଇଥଲେ । ଅଜୁ ନାଏକ ପରିବାରକୁ ଆର୍ଥିକ ସହାୟତା ଦେବା ସହିତ ତାହାର ଶୁଦ୍ଧକ୍ରିୟା ପାଇଁ ଆର୍ଥିକ ସହାୟତା ଯୋଗାଇବା ପାଇଁ ପାଲଲହଡ଼ା ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ସେପରି ଅଜୁର ଚାରୋଟି ପିଲା କିପରି ପାଠ ପଢ଼ିବେ ସେଥିପାଇଁ ଜିଲ୍ଲାପାଳ ଙ୍କୁ ନିର୍ଦ୍ଦେଶ ଦେଲେ । ଜିଲ୍ଲା ଶିଶୁ ଅଧିକାରୀଙ୍କୁ ଘଟଣା ସ୍ଥଳ ପରିଦର୍ଶନ କରି ରିପୋର୍ଟ ଦେବା ପାଇଁ ଫୋନ ଯୋଗେ ନିର୍ଦ୍ଦେଶ ଦେଲେ । ଏହାସହିତ ଏକ ଉଚ୍ଚ ସ୍ତରୀୟ ତଦନ୍ତ କରିବା ଏବଂ ଅନ୍ୟ କାହାର ସଂପୃକ୍ତି ଅଛି କି ନାଇଁ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ବିଜେପି କାର୍ଯ୍ୟକର୍ତ୍ତା ତନ୍ମୟ କୁମାର ସାହୁ, ଡିଲେଶ୍ୱର୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ କେନ୍ଦୁଝର ଜିଲ୍ଲାର ୧୪୦ ଜଣଙ୍କ ନାଶିକ ଓ ଶିରିଡ଼ି ଯାତ୍ରା



କେନ୍ଦୁଝର, : କେନ୍ଦୁଝର ଜିଲ୍ଲାର ୧୪୦ ଜଣ ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଜରିଆରେ ଶିରିଡ଼ି ଓ ନାଶିକ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ତୀର୍ଥଯାତ୍ରୀଙ୍କୁ ନେଇ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏକ ସ୍ୱତନ୍ତ୍ର ବସକୁ ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ ସବୁଜ ପତାକା ପ୍ରଦର୍ଶନ କରି ଆନୁଷ୍ଠାନିକ ଭାବେ ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ସିଂହ ତୀର୍ଥଯାତ୍ରୀ ମାନଙ୍କ ସହ ଭାବ ବିନିମୟ କରି ସଫଳ ଯାତ୍ରା କାମନା କରି ଶୁଭେଚ୍ଛା ଜଣାଇଥିଲେ । ତୀର୍ଥଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖିବା ସହ ସମସ୍ତ ସୁବିଧା ଉପଲବ୍ଧ କରାଇ ସେମାନଙ୍କୁ ଏକ ସୁନ୍ଦର ଏବଂ ଆଧାତ୍ମିକ ଅନୁଭୂତି ପ୍ରଦାନ କରିବା ନିମନ୍ତେ ଅନୁରକ୍ଷଣ ଅଧିକାରୀ (ଏସକର୍ଟ ଅଫିସର) ମାନଙ୍କୁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଳିକ, ଶ୍ରୀ ରବୀନ୍ଦ୍ର ପ୍ରଧାନ ଓ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ରମେଶ ଚନ୍ଦ୍ର ନାୟକ ଉପସ୍ଥିତ ରହିଥିଲେ ।

# ବିଶିଷ୍ଟ ଶ୍ରମିକ ନେତା ବ୍ରହ୍ମା ଶଙ୍କର ମିଶ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ



ତାଳଚେର,(ପି.ଏନ): ତାଳଚେରର ବିଶିଷ୍ଟ ଶ୍ରମିକ ନେତା ସ୍ୱର୍ଗତ ବ୍ରହ୍ମା ଶଙ୍କର ମିଶ୍ରଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଏକ ସ୍ମୃତି ସଭା ତାଳଚେର ମିଡ଼ିଆ ସେଣ୍ଟର୍ ଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ମୃତି ସଭାରେ ସ୍ୱର୍ଗତ ମିଶ୍ରଙ୍କ ଜ୍ୟେଷ୍ଠ ପୁତ୍ର ସ୍ପେଶିଆଲ ପି ପି ଗିରିଜା ଶଙ୍କର ମିଶ୍ର ସଭାପତିତ୍ୱ କରିଥିଲେ । ସମାଜର ବିଭିନ୍ନ ବର୍ଗର ଲୋକଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ଶ୍ରମିକ ନେତା, ଓକିଲ ଓ ସାମ୍ବାଦିକ ମାନେ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ସ୍ୱର୍ଗତ ମିଶ୍ର ଜଣେ ସାଲିସ ବିହୀନ, ନିର୍ଭୀକ ଶ୍ରମିକ ନେତା ଥିଲେ । ତାଳଚେର ର କୋଇଲାଖଣି ଅଞ୍ଚଳରେ ସେ ଜଣେ ଅପ୍ରତିଦ୍ୱନ୍ଦୀ ନେତା ଥିବାବେଳେ ଶ୍ରମିକ ମାନଙ୍କ ସ୍ୱାର୍ଥ ଓ ସୁରକ୍ଷା ପାଇଁ ସବୁବେଳେ ଆଗରେ ରହୁଥିଲେ । ଏହାସହ ସେ ଜଣେ ସ୍ତମ୍ଭକାର ଥିବାସହ ତାଳଚେର ବୁଦ୍ଧିଜୀବୀ ଫୋରମ୍ ର ଆବାହକ ଥିଲେ ବୋଲି ଉପସ୍ଥିତ ଅତିଥି ମାନେ ତାଙ୍କ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ସ୍ୱର୍ଗତ ମିଶ୍ରଙ୍କ ନାମରେ ଏକ ସ୍ମୃତି କମିଟି ଗଠନ କରାଯାଇ ଆଗାମୀ ବର୍ଷରେ ତାଙ୍କ ଶ୍ରାଦ୍ଧବାର୍ଷିକୀ ଉପଖଣ୍ଡ ସ୍ତରରେ କରାଯିବ ବୋଲି ସ୍ଥିର ହୋଇଛି । ସ୍ମୃତି ସଭାରେ ସାମ୍ବାଦିକ ବିରଜା ଶଙ୍କର ମିଶ୍ର, ସୌଭାଗ୍ୟ ମହାରଣା, ତ୍ରିଲୋଚନ ସ୍ୱାଇଁ, ତପନ ମହାରଣା, ମନୋଜ ଶତପଥୀ, ଚିତ୍ତରଞ୍ଜନ ପାଣି, ବେଣୁଧର ଦାସ, ବିଜେପି ନେତା ଅକ୍ଷୟ ବିଶ୍ୱାଳ ଓ ସୁନିଲ ସିଂ ପ୍ରମୁଖ ଯୋଗଦେଇଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନଂ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଜୁନ ୫

# ଜଣେ ଚିତ୍ରଶିଳ୍ପୀଙ୍କ ଅବର୍ତ୍ତମାନରେ



ଗୁରୁକଲ୍ୟାଣ ମହାପାତ୍ର

ସେ ଥିଲା ଜଣେ ସଫଳ ଚିତ୍ରଶିଳ୍ପୀ ଓଡ଼ିଶାର।ଅନେକ ଉପାଦେୟ ପୁସ୍ତକର ପ୍ରଚ୍ଛଦପଟ୍ଟ ଶିଳ୍ପୀ ଭାବେ ସେ ଥିଲା ଜଣାଶୁଣା।ମାତ୍ର ୬୦ ବର୍ଷ ବୟସରେ,ଅକାଳରେ ସେ ଅକସ୍ମାତ୍ ଚାଲିଯିବ ବୋଲି ଆମେମାନେ କେହି ଆଶା କରି ନଥିଲୁ। ଶେଷରେ ତାହା ହିଁ ହେଲା।ଆମେ ସବୁ ଦୁଃଖରେ ଭାଙ୍ଗି ପଡିଲୁ।ମୋର ମନେ ପଡିଗଲା,କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ଜୀବନ ସଙ୍ଗୀତ ' ରୁ ପଦଟିଏ।ତାହା ହେଲା – ' କେଡ଼ ? ଯତନରେ ସଜାଡି ଥିଲି ମୁଁ,ଘର ମୋର ଭାଂଜି ଗଲାଣି/ମୋର ମୋର ବୋଲି ଯା'କୁ ବୋଲୁ ଥିଲି ଯା ' ହେବାର ତାହା ହେଲାଣି....ସବୁ ତ ମୋର ସରି ଗଲାଣି....'।ତା ' ନା ଥିଲା ମହାଭାବ ପ୍ରକାଶ। ତା ' ପିତା ଓଡ଼ିଶାର ସ୍ୱନାମଧନ୍ୟ ସାହିତ୍ୟିକ,ସ୍ୱାଧୀନତା ସଂଗ୍ରାମୀ,ବୈଷ୍ଣବ ଓ ପୂର୍ବତନ ମନ୍ତ୍ରୀ ନିତ୍ୟାନନ୍ଦ ମହାପାତ୍ର ତାର ଏହି ନାମ ରଖିଥିଲେ।କିନ୍ତୁ ଭୁବନେଶ୍ୱରର ଖାରବେଳ ନଗରରେ ତାକୁ 'ବାପି ' ନାମରେ ସମସ୍ତେ ଜାଣିଥିଲେ।ନିତ୍ୟାନନ୍ଦଙ୍କ କନିଷ୍ଠ ଭ୍ରାତା ସ୍ୱାଧୀନତା ସଂଗ୍ରାମୀ ଗୌରଚନ୍ଦ୍ର ତା ' ଘରର ନାଆଁ ରଖିଥିଲେ ' ଦେବଦାସ '। ତେଣୁ ତା ' ଘରଲୋକେ ବା ସମ୍ପର୍କୀୟମାନେ ତାକୁ ଏହି ନାମରେ ଡାକି ଆସୁଥିଲେ।

ମହାଭାବ ପ୍ରକାଶ ଜୁଲୋଜି ବା ପ୍ରାଣୀ ବିଜ୍ଞାନ ବିଭାଗରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହିତ ଏମ. ଏସସି ପାସ କରିଥିଲେ ମଧ୍ୟ ମାତା,ପ୍ରାଧ୍ୟାପିକା ଡକ୍ଟର ହରପ୍ରିୟା ମହାପାତ୍ର ଅସୁସ୍ଥ ଥିବାରୁ ଦୂର ସ୍ଥାନକୁ ଅଧ୍ୟାପନା ପାଇଁ ନଯାଇ, ଭୁବନେଶ୍ୱରର ଘରୋଇ କଲେଜରେ କିଛିକାଳ ଲାଗି ଅଧ୍ୟାପନା କରିଥିଲେ।ଫଳରେ ମହାଭାବ ପ୍ରକାଶ କିଛି ସମୟ ପାଇଁ କଟକରୁ ସ୍ଥାନାନ୍ତରିତ ହୋଇ ଆସିଥିବା 'ଡଗର' ପ୍ରେସ ପରିଚାଳନାର ଦାୟିତ୍ୱ ସେ ବହନ କରିବା ସହିତ ସେ ଚିତ୍ରାଙ୍କନରେ ମନୋନିବେଶ କରିଥିଲେ।ଏହାପରେ ସମ୍ଭବତ ବର୍ଷକ ପାଇଁ ସେ ପ୍ରସିଦ୍ଧ ' ଡଗର ' ପତ୍ରିକାର ପରିଚାଳନା କରିଥିଲେ।ମାତ୍ର ସେଥିରେ ଜୀବିକାର୍ଜନ ସମ୍ଭବ ନହେବାରୁ ସେ ଚିତ୍ରାଙ୍କନ ଓ ଅନ୍ୟାନ୍ୟ ବୃତ୍ତିକୁ ଆଦରି ନେଇଥିଲେ।

ନିଜ ପିତା ନିତ୍ୟାନନ୍ଦଙ୍କ ରଚିତ 'ଘରଡ଼ିହ ' ଉପନ୍ୟାସ ଯାହାକି ୧୯୮୭ ମସିହାରେ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲା,ତାହାର ପ୍ରଚ୍ଛଦପଟର ଅଙ୍କନ ସେ କରିଥିଲେ।ମୋ ସମ୍ପାଦନାରେ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ୨୦୧୯ରେ ପ୍ରକାଶ କରିଥିବା ' ନିତ୍ୟାନନ୍ଦ ମହାପାତ୍ର ସଂଚୟନ' ପୁସ୍ତକଟି ଯାହା ଆଦୃତ ହୋଇ ଭଲ ବିକ୍ରୀ ହୋଇଛି ,ତାହାର ପ୍ରଚ୍ଛଦପଟ୍ଟ ଶିଳ୍ପୀ ମଧ୍ୟ ମହାଭାବ ପ୍ରକାଶ ଥିଲେ।ଦୁଃଖର କଥା,ସେ ବାବଦରେ ପ୍ରାପ୍ୟ ଅନେକ କହିବା ପରେ ମଧ୍ୟ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ କର୍ତ୍ତୃପକ୍ଷ ବା ଓଡ଼ିଆ ଆବାହକ ମଣ୍ଡଳୀ ସେ ବଞ୍ଚିଥିବା ସମୟରେ ଦେଇନଥିଲେ। ଅଥଚ ' ସମ୍ବାଦ ' ଓ 'ଆମ ଓଡ଼ିଶା ' ପକ୍ଷରୁ ଏହାର ଅଧ୍ୟକ୍ଷ ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ ନିତ୍ୟାନନ୍ଦଙ୍କ ଜନ୍ମ ଶତବର୍ଷ ଉତ୍ସବ ପାଳନ କରି ନିତ୍ୟାନନ୍ଦ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ଏବଂ ତାଙ୍କ ରଚିତ ଅଦ୍ୱିତୀୟ ଗଳ୍ପ ସଂକଳନ 'ରାଜକନ୍ୟା'ର ପୁନଃ ମୁଦ୍ରଣ କରି ମହାଭାବଙ୍କୁ କେତେ ହଜାର ଟଙ୍କାର ଅର୍ଥରାଶି ମଧ୍ୟ ପ୍ରଦାନ କରିଥିଲେ। ' ରାଜକନ୍ୟା' ପୁସ୍ତକର ପ୍ରଥମ ସଂସ୍କରଣରେ ମହାଭାବ ପ୍ରଚ୍ଛଦ ଚିତ୍ରଟି ଆଙ୍କିଥିଲେ।ଆହୁରି ଦୁଃଖଲାଗେ, ନିତ୍ୟାନନ୍ଦଙ୍କ ଜନ୍ମର ଏକଶତ ବର୍ଷ ଉତ୍ସବ ତାଙ୍କର ଖାରବେଳ ନଗରସ୍ଥିତ ବାସ ଭବନରେ ଓଡ଼ିଶା ସାହିତ୍ୟ ଏକାଡେମୀ ପାଳନ କରୁଥିବା ବେଳେ, ବିଶିଷ୍ଟ କବି ରମାକାନ୍ତ ରଥ କହିବାରୁ ମୁଁ ଓ ମହଭାବ ପ୍ରକାଶ ଦୁହେଁ ନିତ୍ୟାନନ୍ଦଙ୍କ ଦୁଷ୍ପ୍ରାପ୍ୟ ପୁସ୍ତକଗୁଡ଼ିକର ପୁନଃ ପ୍ରକାଶନ ନିମନ୍ତେ ସମ୍ମତିପତ୍ର ନେଇ ତତ୍କାଳୀନ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଶ୍ରୀ ରାମଚନ୍ଦ୍ର ବେହେରା ଓ ସଚିବ ଶ୍ରୀ ବିଜୟ ନାୟକଙ୍କୁ ଦିଆ ଗଲା।ଏହାପରେ ନିତ୍ୟାନନ୍ଦଙ୍କ କ୍ଲାସିକାଲ ତିନିଗୋଟି ଉପନ୍ୟାସ ଯଥା, ହିଡମାଟି,ଦ୍ୱିତୀୟ ଭାଗ ଭଙ୍ଗାହାଡ ଓ ତୃତୀୟ ଭାଗ ଘରଡ଼ିହକୁ ଏକତ୍ର ' ଉପନ୍ୟାସ ତ୍ରୟୀ ' ଭାବେ ପ୍ରକାଶ କରାଗଲା।ତାହାର କାଟତି ଏତେ ଥିଲାଯେ ଅଳ୍ପଦିନରେ ତାହା ସରିଗଲା।ତାହାର ପୁନଃ ପ୍ରକାଶନ ପାଇଁ ତତ୍କାଳୀନ ସଚିବ ଶ୍ରୀ ବିଜୟ ନାୟକ ଉଦ୍ୟମ କରିଥିଲେ।ମାତ୍ର ସେ ବଦଳି ହୋଇ ଯିବା ପରେ ତାହା ଆଉ ସମ୍ଭବ ହୋଇ ନଥିଲା।ଏହାର ରୟାଲ୍ଟି ପାଇଁ ମଧ୍ୟ ସେ ଉଦ୍ୟମ କରିଥିଲେ।ମହାଭାବଙ୍କୁ ଡକାଇ ସେ ତାଙ୍କ ଦପ୍ତରରେ ସ୍ୱାକ୍ଷର କରାଇ ନେଇଥିଲେ। କାରଣ ନିତ୍ୟାନନ୍ଦ ତ ସ୍ୱର୍ଗବସୀ ହୋଇଥିଲେ, ବହୁ ପୂର୍ବରୁ ତାଙ୍କ ସହଧର୍ମିଣୀ ଡଃ ହରପ୍ରିୟାଙ୍କ ମଧ୍ୟ ଦେହାନ୍ତ ହୋଇଥିଲା।ସେମାନଙ୍କ ଏକମାତ୍ର ପୁତ୍ର ଭାବେ ମହଭାବଙ୍କ ମଧ୍ୟ ଗତବର୍ଷ ଅକ୍ଟୋବର ୧୭ରେ ଦେହାବସାନ ହୋଇଛି।ବର୍ଷ ବର୍ଷ ଗଡିଗଲା।ଏହା ପୂର୍ବରୁ ଓଡ଼ିଶା ସାହିତ୍ୟ ଏକାଡ଼ ?ମୀର ସଚିବ ଥିବା ପ୍ରବୋଧ ରାଉତ ଏ କଥା ଜାଣି ଦୁଃଖ କରିଥିଲେ ଆଉ ରୟାଲ୍ଟି ଟଙ୍କା ମିଳିବାକୁ ଚାହିଁଥିଲେ।ମାତ୍ର ଅକାଳରେ ସେ ମଧ୍ୟ ଚାଲିଗଲେ।ଓଡ଼ିଶା ସାହିତ୍ୟ ଏକାଡେମୀ ମହଭାବଙ୍କର ପ୍ରାପ୍ୟ ଏତେ ବର୍ଷ ପରେ ଦେଇଦେବା ଆବଶ୍ୟକ।

ମହଭାବ ମୟୂର ପବ୍ଲିକେଶନ ଓ ଅନ୍ୟାନ୍ୟ ସାହିତ୍ୟ ପୁସ୍ତକ ମାନଙ୍କରେ ପ୍ରଚ୍ଛଦପଟ୍ଟ ଅଙ୍କନ କରି ସୁନାମ ଅର୍ଜନ କରିଥିଲେ।ମୋର ଏକ ପୁସ୍ତକକୁ ମଧ୍ୟ ସେ ପ୍ରକାଶ କରିଥିଲେ।ତାଙ୍କ ବିୟୋଗ ତିଥି ଅନୁସାରେ ଆଜି।ତାଙ୍କ ବିୟୋଗରେ ବର୍ଷକ ପରେ ବି ମୋର ଦୁଃଖ ସରୁନାହିଁ।ଈଶ୍ୱର ତାକୁ ଶାନ୍ତିରେ ରଖନ୍ତୁ।

ଭୁବନେଶ୍ୱର

# ରୂପାନ୍ତରିତ ଓଡ଼ିଶାର ରୂପରେଖ- ଓଡ଼ିଆଙ୍କ ଉପରେ ଅଣଓଡିଆଙ୍କ ପ୍ରଭାବ/ପ୍ରକୋପ (୧)

ଓଡ଼ିଆ ଶାସକଙ୍କ ଦକ୍ଷତାର ପ୍ରକୋପରେ ଇଂରେଜ ସର୍ବଶେଷରେ
ଓଡ଼ିଶାରେ ପ୍ରବେଶ କରିଥିବା ଏବଂ ଅନ୍ୟାନ୍ୟ ରାଜ୍ୟ ଗୁଡିକ ତୁଳନାରେ
ଖୁବ୍ କମ୍ କାୟା ବିସ୍ତାର କରିଥିବା ଓଡ଼ିଶାର ରୂପରେଖ ଆଜି କ'ଣ ?!

କିଛି କହିବା ଆବଶ୍ୟକ ନୁହେଁ ଯେ ଆମ ପୂର୍ବଜ କିଭଳି ଥିଲେ, ଏବଂ ସେମାନଙ୍କ ଜାତୀୟତାଭାବ କେଉଁ ସ୍ତରରେ ରହିଥିଲା ! ନିଜକୁ ନିଜେ ପରଖି ବୁଝିବା ଏବଂ ବୁଝି ନପାରିଲେ ଯେ କାହାକୁ ପଚାରି ଜାଣିବା ପାଇଁ ଛାଡି ଦିଆଗଲା ସେମାନଙ୍କୁ ଯେଉଁମାନେ ଆଜି ଆମ ପୂର୍ବଜଙ୍କ ସ୍ମୃତିକୁ ନଷ୍ଟ କରି କେବଳ ଅନ୍ଧ ଭଳି ମାତିଛନ୍ତି ବିଭିନ୍ନ ପାଶ୍ଚାତ୍ୟ ତଥା ଅନ୍ୟାନ୍ୟ ସମ୍ପ୍ରଦାୟର ମଣିଷଙ୍କ ସହିତ ଯାହା ଆମକୁ କେଉଁ ସ୍ତରରେ ଆଣି ପହଂଚାଇଲାଣି ହୁଏତ ଖୁବ୍ ଅନୁମାନ କରି ହେଉଥିବ ସ୍ୱାର୍ଥାନ୍ଧଙ୍କର।

ଆମେ ନିଜେ କେମିତି ଆମ ସଂସ୍କୃତିକୁ ଭ୍ରଷ୍ଟ କରିଚାଲିଛେ ଏବଂ ବାହ୍ୟ ପ୍ରଭାବରେ ସତ୍ୟକୁ ମିଥ୍ୟା, ମିଥ୍ୟକୁ ସତ୍ୟ ବୋଲି ଗ୍ରହଣ କରିବା ସହିତ ଆମ ପୂର୍ବଜଙ୍କ ସଂସ୍କୃତିକୁ ପରିବର୍ତ୍ତନ କରି ଅପଭ୍ରଂଶ କରିଚାଲିଥିବା ଆମ ଓଡ଼ିଆଙ୍କ ପୂର୍ବ ସ୍ମୃତି ଏବଂ ଉପସ୍ଥିତ ସମୟର ଗ୍ରହଣୀୟତାର କେତେକ ଉଦାହରଣ ନେଇ ତର୍ଜମା କଲେ ଜାଣିହେବ ଯେ ଆମେ କିଏ, କ'ଣ କରୁଥିଲେ, କ'ଣ କରିବା କଥା ଆଉ କରୁଛେ କ'ଣ ...??!!

୧. ହିନ୍ଦୁ ସମ୍ପ୍ରଦାୟ ଆର୍ଯ୍ୟ ସମାଜର ପ୍ରଥମ ପୂଜ୍ୟପୂଜା ମାତା ସରସ୍ୱତୀଙ୍କ ଦୈନନ୍ଦିନ ବନ୍ଦନା ସହିତ ଶ୍ରୀପଞ୍ଚମୀ ପାଳନ ଦୀର୍ଘ ତିନିଦିନ ଧରି ବିଦ୍ୟାଳୟ ଗୁଡିକରେ ମହାଡ଼ମ୍ବରରେ ଚାଲୁଥିଲା ଯେଉଁଠି ଗଣେଶ ଚତୁର୍ଥୀ ପୂଜା ଉପରେ ସେତିକି ପ୍ରାଧାନ୍ୟତା ନଥିଲା ସେହି ସମୟରେ ଯାହାର ରୂପରେଖ ଆଜି ସମ୍ପୂର୍ଣ୍ଣ ଓଲଟା ସ୍ତରରେ ପହଂଚିଛି କେବଳ ମହାରାଷ୍ଟ୍ର/ବଲିଉଡର ପ୍ରଭାବ କାରଣରୁ।

୨. ଗହ୍ମାପୂର୍ଣିମାରେ ଗୋମାତାଙ୍କ ପୂଜା ହେଉଥିଲା ଏବଂ ଗହ୍ମାରେ ମଣ୍ଡା ପିଠା ସହିତ ଅନ୍ୟାନ୍ୟ ପିଠାପଣାର ସମାରୋହ ଆଜି କିଛି ଛେନା ମିଠା, ଲଡୁ ସହିତ ହାତରେ ସୁତା ଖଣ୍ଡେ ପରିଧାନ କରି ଭାଇ ଭଉଣୀର ରକ୍ଷା ବନ୍ଧନରେ ପରିଣତ କେବଳ ମହାରାଷ୍ଟ୍ରର ପରମ୍ପରାକୁ ମର୍ଯ୍ୟାଦା ଦେବାପାଇଁ ଯେଉଁଠି ଆମ ପରମ୍ପରା ଆଉ ଦିଶୁନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ୩. ଆର୍ଯ୍ୟ ପରମ୍ପରାର ରାଧା କୃଷ୍ଣ ପୂଜା ସହିତ ଶ୍ରୀରାମ, ଜଗନ୍ନାଥ ସଂସ୍କୃତିକୁ ସାଧାରଣ ସ୍ତରରେ ରଖି ବୋଲ୍ ବମ୍ ବୋଲି କାହିଁ ଅଜଣା ରାଇଜର ଅକୁହା କଥାକୁ ଦୀର୍ଘ ଏକ ମାସ ପର୍ଯ୍ୟନ୍ତ ପାଳନ କରିବାରେ କୌଣସି ଦ୍ୱିଧା ନାହିଁ ଆମର ଯଦ୍ୱାରା କୋଟି କୋଟି ଟଙ୍କାର ଅର୍ଥ ଶ୍ରାଦ୍ଧ କରାଯାଇଥାଏ କେବଳ ଗୁଜରାଟକୁ ସମ୍ମାନ ଦେବାପାଇଁ। ୪. ଶ୍ରୀ ଚୈତନ୍ୟ, ବିବେକାନନ୍ଦ, ବୁଦ୍ଧଦେବଙ୍କ ମହାନତା ଆଗରେ କେଉଁ ବ୍ୟାପକ ପ୍ରତିଭାର ପ୍ରସ୍ଫୁଟିତ ହୁଏ ଆମ୍ମା ଭଗବାନ କିମ୍ବା ଆୟାପ୍ପା ସ୍ୱାମୀଙ୍କର ବୁଝିଥିବେ ସେମାନେ କେବଳ ଯିଏ ତାହା ସହିତ ସଂଲଗ୍ନ ହୋଇ ରହିଛନ୍ତି। କେବଳ ତାମିଲନାଡୁ ଏବଂ କେରଳର ସମ୍ମାନ କାରଣରୁ ହୋଇଥାଇପାରେ ବୋଲି ଆମର ଅନୁମାନ। ୫. ହିନ୍ଦୁ ଆର୍ଯ୍ୟ ସମାଜର ସମସ୍ତ ଠାକୁରଙ୍କ ମହିମା ଆଗରେ କେଉଁ ଆଧାରରେ ତଥା କଥିତ ଆନ୍ଧ୍ରର ସାଇବାବା କିମ୍ବା ମହାରାଷ୍ଟ୍ରର ସାଇବାବା ଅତିକ୍ରମ କରିଯାଇଛନ୍ତି ହୁଏତ ଅଧିକ ଜ୍ଞାନ ରହିଥିବ ସେମାନଙ୍କର ଯେଉଁମାନେ ତାଙ୍କ ସହିତ ଯୋଡିହୋଇ ରହିଛନ୍ତି। ଆମକୁ ଅଧିକ କିଛି ବୁଝୁନାହିଁ କେବଳ ହୁଏତ ଆନ୍ଧ୍ର ଏବଂ ମହାରଷ୍ଟ୍ରକୁ ସମ୍ମାନ ଦେବାପାଇଁ ଆମେ ଏମିତି କରୁଥିବା ବୋଲି ଭାବିବା ବ୍ୟତୀତ। ୬. କିଛି ବର୍ଷ ପୂର୍ବେ ସଂକ୍ରାନ୍ତି, ମାସନ୍ତ ଭଳି ଦିନ ଗୁଡ଼ିକୁ ବିଷ୍ଟି ବେଳା ବୋଲି କହୁଥିବା ଓଡ଼ିଆଙ୍କ ପାଇଁ ସଂକ୍ରାନ୍ତି, ମାସାନ୍ତ ଆଜି ଶୁଭଦିନରେ ପରିଣତ କେବଳ ଦକ୍ଷିଣ ଭାରତୀୟଂକୁ ସମ୍ମାନ ଦେବାପାଇଁ ନା ଆଉ କିଛି ରହସ୍ୟ ରହିଛି ତନ୍ମଧ୍ୟରେ ବିଚାର ଯୋଗ୍ୟ। ୭. କାର୍ତ୍ତିକ ସୋମବାର ଏବଂ ମାର୍ଗଶିର ଗୁରୁବାର ଦକ୍ଷିଣ ଭାରତରେ ପାଳିତ ହେଉନଥିବା ବେଳେ ଓଡ଼ିଆଙ୍କ ଶିବ ଓ ମହାଲକ୍ଷ୍ମୀଙ୍କର କେଉଁ ଭୁଲ ହେତୁ ସେହି ଦିନ ଗୁଡିକ ବିଦ୍ୟାଳୟ ଛୁଟି ତାଲିକାରୁ ବାଦ ଦିଆଗଲା ଯାହା କିଛି ବର୍ଷ ପୂର୍ବେ ରହିଥିବା ସମସ୍ତେ ଜାଣନ୍ତି। ତାହା ହୁଏତ ଦକ୍ଷିଣ ଭାରତୀୟଙ୍କୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ହୋଇଥାଇ ପାରେ ବୋଲି ଅନୁମାନ ହୁଏ ଆମର।

୮. ଓଡ଼ିଆ ଶାସ୍ତ୍ରୀୟ ନୀତି ଅନୁଯାଇ ବୈଶାଖ ଆରମ୍ଭ ଓଡ଼ିଆ ନବବର୍ଷ ଭାବେ ପାଳିତ ହେଉଥିଲା ପୂର୍ବରୁ ଯାହା ଆଜି ସମ୍ପୂର୍ଣ୍ଣ ଭାବେ ଓଡ଼ିଆଙ୍କ ମନରୁ ଉଭାନ ହୋଇଯାଇ ଦକ୍ଷିଣ ଭାରତର ମକର ସଂକ୍ରାନ୍ତିକୁ ଓଡ଼ିଆ ନବବର୍ଷର ମାନ୍ୟତା, ଗ୍ରହଣୀୟତା ଏକ ବ୍ୟାପକ କଠିନ ଅସମୀଚୀନ ବ୍ୟାପାର। ଏହି ସାଙ୍ଘାତିକ ପଥଭ୍ରଷ୍ଟ ଅନୈତିକ ବିଚାର ଉପରେ କୌଣସି ମନ୍ତବ୍ୟ ରଖିବା ଏକ ଅସାଧାରଣ, ଅବ୍ୟକ୍ତ ବିଷୟ ଯାହା ଆଜି ସମୟରେ ସମସ୍ତ ଓଡ଼ିଆଙ୍କ ମନ ମାନସରେ ଆନ୍ଦୋଳିତ ହେଉଛି ଯିଏ ତାହା ବୁଝିଛନ୍ତି। ୦୯. ବାହାଘର ମେହେନ୍ଦି ଠାରୁ ଆରମ୍ଭ କରି ଜନ୍ମଦିନର କେକ୍ କାଟି ମହାମବତୀକୁ ଫୁଙ୍କି ଲିଭାଇବା ଭଳି ଆର୍ଯ୍ୟ ସଂସ୍କୃତିର ବ୍ୟାପକ ଅଗ୍ରହଣୀୟ କାର୍ଯ୍ୟ କରୁଥିବା ଓଡ଼ିଆଙ୍କ ଅଣଓଡିଆଙ୍କ ପ୍ରତି ସୃଷ୍ଟି ହେଉଥିବା ମାନ୍ୟତାର ସୀମା ନାହିଁ ଯାହା କାହାର ସଂସ୍କାର ଚେତନା ମଧ୍ୟରେ ରହିନଥିବା ଆଜିର ଦୃଶ୍ୟ, ସମସ୍ତେ ଜାଣୁଛନ୍ତି / କରୁଛନ୍ତି ମଧ୍ୟ।

୧୦. ଦକ୍ଷିଣ ଭାରତୀୟ ତଥା ଦ୍ରାବିଡୀୟ ସଂସ୍କୃତିକୁ ଅନୁକରଣ କରି ମୃତ୍ୟୁ କାଳୀନ ମଦ୍ୟପାନ କରିବା ଠାରୁ ଆରମ୍ଭ କରି ଆହୁରି ଅନେକ ଅନାର୍ଯ୍ୟ କାର୍ଯ୍ୟ କରିବାରେ ଓଡ଼ିଆଙ୍କ କୌଣସି ଦୁବିଧା ରହୁନାହିଁ କିମ୍ବା କାହାର କୌଣସି ଆପତ୍ତି ଅଭିଯୋଗ ନଥାଇ ବରଂ ସମସ୍ତେ ଗୋଟିଏ ପଥର ବାଟୋଇ ଭଳି ଆଚରଣ କରିବାରେ କାହାର ଭୂମିକା ରହିଛି ବିଚାର ଯୋଗ୍ୟ ନିଶ୍ଚିତ ! (କ୍ରମଶଃ)



ପଙ୍କଜ କୁମାର ପାଣିଗ୍ରାହୀ

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗାମ-୭୬୧୦୨୦*
*ଦୂରଭାଷ.: ୯୪୩୭୩୨୪୯୧୭.*

# ଖରାଦିନରେ କାନ-ନାକ-ଗଳାର ଯତ୍ନ

ନାରାୟଣ ଚନ୍ଦ୍ର ବିଶ୍ୱାଳ

ଗ୍ରୀଷ୍ମଋତୁ ଆସୁ ଆସୁ ତତଲା ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିପକେଲାଣି। ତତଲା ଖରାକୁ ଅବେଳିଆ କାଳବୈଶାଖୀ ଲୋକମାନଙ୍କ ସ୍ୱାସ୍ଥ୍ୟ ବିଶେଷକରି କାନ-ନାକ-ଗଳା ପରି ଏକ ସମ୍ବେଦନଶୀଳ ଶରୀର ତତ୍ତ୍ୱକୁ ଅବ୍ୟବସ୍ଥିତ କରୁଛି। ପ୍ରାୟତଃ ଖରାଦିନକୁ ନେଇ ଲୋକମାନଙ୍କର ତତ୍‌ସମ୍ବନ୍ଧୀ ଅନେକ ରୋଗ ରହିଥାଏ। ଆସନ୍ତୁ ଟିକିଏ ଜାଣିବା। ଶରୀର ସବୁଠାରୁ ସ୍ପର୍ଶକାତର ଅଙ୍ଗ ହେଉଛି କାନ। ଖରା ଦିନରେ ତୀବ୍ର ଖରା ଓ ଧୂଳି କାନ ପ୍ରବେଶ କଲେ ସ୍ୱାଭାବିକ ଭାବରେ ନାକ ଓ ଗଳାକୁ ସଂକ୍ରମିତ କରିଥାଏ। ଗରମ ପାଗରେ ଥଣ୍ଡା ଚିକିତ୍ସା କରିବାଦ୍ୱାରା ଏହା ଉପଶମ ପରିବର୍ତ୍ତେ ଅନେକ କ୍ଷତିକାରକ ବା ଘାତକ ସାବ୍ୟସ୍ତ ହୋଇଥାଏ। ଆଜିକାଲି ମୋବାଇଲ ଫୋନର ଇୟର ଫୋନ ଅନେକ ବ୍ୟବହାର କରୁଛନ୍ତି। ଘଣ୍ଟା ଘଣ୍ଟା ଧରି ଏହା କାନରେ ଲାଗି ରହୁଛି। କିନ୍ତୁ ତୀବ୍ର ଖରାରେ ମୁଣ୍ଡରୁ ବୋହୁଥିବା ଝାଳ ଏହି ଇୟର ଫୋନର ତୁଳା ଅଂଶକୁ ପ୍ରଭାବିତ କରି କାନର ଭିତର ଭାଗକୁ ବି ସମସ୍ୟା ଉପୁଯାଇଥାଏ। ଖରା ଦିନରେ ବିଶେଷକରି ଯୁବବର୍ଗ ଆଉ ପିଲାମାନେ ନଦୀ, ପୋଖରୀରେ ବୁଡ଼ି ଗାଧୋଇବାର ଆନନ୍ଦ ଦାୟକ ଅଭ୍ୟାସ ରଖିଥାନ୍ତି କିନ୍ତୁ ଦୂଷିତ ଜଳ କାନ ସଂକ୍ରମଣର ପ୍ରଥମ ବୈଶିଷ୍ଟ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। କେବଳ କାନ ନୁହେଁ ନାକକୁ ବି ଏହା ପ୍ରଭାବିତ କରେ। ଆଗରୁ କାନ-ନାକ-ଗଳାର କୌଣସି ଅସୁବିଧା ଥିଲେ ଖରାଦିନେ ଥଣ୍ଡା ପାଣି ବା ଅନ୍ୟ ବରଫଯୁକ୍ତ ପାନୀୟ ଦ୍ରବ୍ୟ ଏହାର ଯନ୍ତ୍ରଣାକୁ ବଢ଼ାଇବା କାମ କରିଥାଏ। ଉଦୁଉଦିଆ ଖରାରେ ଅନେକ ଜାଗାରେ ଧୂଳି ଓ ବର୍ଜ୍ୟବସ୍ତୁ ପୋଡ଼ା ହେଉଥିବା ପ୍ରଦୂଷଣଯୁକ୍ତ ଧୂଆଁ କାନ ଓ ନାକକୁ ଗଭୀର ଭାବେ ପ୍ରଭାବିତ କରେ। ଉପରୋକ୍ତ ସମସ୍ୟାରୁ ମୁକ୍ତ ରହିବା ପାଇଁ ନିମ୍ନ ଲିଖିତ ଉପାୟମାନ ଅନୁକରଣୀୟ।

ଠିକ୍ ସମୟରେ ଖାଦ୍ୟପେୟ ଖାଇବା, ଉପବାସ ଠାରୁ ଦୂରେଇ ରହିବେ, ଭୋକ ପେଟରେ ରହିବେ ନାହିଁ। ଥଣ୍ଡା ଉପୁଜୁଥିବା ଖାଦ୍ୟଦ୍ରବ୍ୟ ଠାରୁ ଦୂରରେ ରହିବେ ଯଥା ବାସୀ ପଖାଳ ଖଟା, ଆଇସକ୍ରିମ, ଫ୍ରିଜପାଣି, କୋଲଡ୍ରିଙ୍କସ୍ ଠାରୁ ଦୂରେଇ ରହିବେ। ପଖାଳ ଖାଉଥିବା ଲୋକମାନେ ତୋରାଣି ନପିଇ ପାଣି ପିଇବାର ଅଭ୍ୟାସ ରଖନ୍ତୁ। ଶୋଷ ହେଲେ ଏକାଥରକେ ଦୁଇ ଗ୍ଲାସରୁ ଅଧିକ ପାଣି ପିଅନ୍ତୁନାହିଁ ଆବଶ୍ୟକ ପଡ଼ିଲେ ଘଣ୍ଟାଏ ଛାଡ଼ି ପିଇ ପାରିବେ। ସୁରେଇ ବା ମାଟି ପାତ୍ରରେ ରହିଥିବା ପାଣି ପ୍ରାକୃତିକ ଥଣ୍ଡା ସୃଷ୍ଟି କରିଥାଏ ତେବେ ସବୁଠାରୁ ଭଲ ହେବ ଏହି ପାଣିକୁ ଭଲ ଭାବେ ସିଝାଇ ପାନୀୟ ଯୋଗ୍ୟ କରିବା। ଫ୍ରିଜରେ ରହୁଥିବା ଥଣ୍ଡା ପାଣି ଆଦୌ ପିଅନ୍ତୁ ନାହିଁ। ସେହିପରି ବଜାରରେ ବିକ୍ରି ହେଉଥିବା ତଥାକଥିତ କୋଲଡ୍ରିଙ୍କସ୍ ଠାରୁ ଯଥାସମ୍ଭବ ଦୂରେଇ ରହିବା ଖୁବ୍ ଭଲ। ତେବେ କୌଣସି ପରିସ୍ଥିତିରେ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ। କାରଣ ଏହା ଆପଣଙ୍କ ରକ୍ତଚାପକୁ ଅନିୟନ୍ତ୍ରିତ କରିବା ସହ ତୀବ୍ର ଖରାପାଇଁ ଏହା ଆପଣଙ୍କ ମସ୍ତିଷ୍କକୁ ପ୍ରଭାବ ପକାଇଥାଏ।

ଏହି ଋତୁରେ ପୂର୍ବରୁ ରକ୍ତଚାପ ଥିବା ରୋଗୀ, ସ୍ନାୟୁଜନିତ ବଧିରତାର ଶିକାର ହୁଅନ୍ତି ତେଣୁ ଏହି ରୋଗୀମାନେ ଏହି ସମୟରେ ରକ୍ତଚାପକୁ ନିୟନ୍ତ୍ରଣ ପାଇଁ ଚିକିତ୍ସା ରଖିବା ଉଚିତ। ରକ୍ତଚାପ ସମସ୍ୟା ଥିଲେ ପ୍ରଥମରୁ ଏହାର ନିରାକରଣ କରନ୍ତୁ। ଉଚ୍ଚସିଡି, ଉଚ୍ଚସ୍ଥାନ ବା ଉଚ୍ଚ ପାହାଡ଼ ଚଢ଼ିବାକୁ ଥିଲେ ନିଜ ଶରୀରର ନିୟନ୍ତ୍ରଣ କଥା ପ୍ରଥମେ ଚିନ୍ତା କରନ୍ତୁ। କାନ କୁଣ୍ଡାଇବା ପରି ଆବଶ୍ୟକ କଲେ ଶୋଧିତ ତୁଳାକାଠି ବ୍ୟବହାର କରନ୍ତୁ। ଯେକୌଣସି ଜିନିଷକୁ କାନ ଭିତରେ ପୁରାଇବାର କୁଅଭ୍ୟାସ ଠାରୁ ଦୂରେଇ ରୁହନ୍ତୁ।

କାରଣ ଏହାଦ୍ୱାରା ବାହାରର ଅପରିଷ୍କାର ପଦାର୍ଥ କାନ ଭିତରକୁ ଯିବା ସହ ଏହା ବିଭିନ୍ନ ପାର୍ଶ୍ୱପ୍ରତିକ୍ରିୟା ସହ ପରବର୍ତ୍ତୀ ସମୟ ପାଇଁ ଘାତକ ସମସ୍ୟା ସୃଷ୍ଟି କରିଥାଏ। ସେହିପରି କାନ ଭିତରେ ଯେପରି ଧୂଳି, ଧୂଆଁ ଓ ବିଷାକ୍ତ ପଦାର୍ଥ କିଛି ନଯାଏ ସେ ଦିଗକୁ ଭଲଭାବେ ଦେଖନ୍ତୁ। କାରଣ ଏହା କାନ ପାଇଁ ଅତ୍ୟନ୍ତ ଜଟିଳ ପରିସ୍ଥିତି ସୃଷ୍ଟି କରିଥାଏ। ସାଧାରଣତଃ ଥଣ୍ଡାରୁ ପ୍ରଭାବିତ ଲୋକମାନେ ରାତିରେ ଶୋଇଲାବେଳେ କାନରେ ତୁଳା ଦେଇ ଶୋଇଲେ ଭଲ। ଥଣ୍ଡାରୁ ପ୍ରଭାବିତ ଲୋକମାନେ ମୁଣ୍ଡ ସଫା କରୁଥିଲେ ଥଣ୍ଡା ଟାବ୍‌ଲେଟ ଖାଇ ଘଣ୍ଟାଏ ପରେ ମୁଣ୍ଡ ସଫା କରିବା ଉଚିତ।

ଖରାଦିନେ କିଛି କ୍ଷେତ୍ରରେ ସର୍ଦ୍ଦି ରହିଥିଲେ ଏହା ଗଳାକୁ ବି ସଂକ୍ରମଣ କରିବାକୁ ବାଟ କଢ଼ାଏ। ଏହି ସର୍ଦ୍ଦି ସମସ୍ୟା ପରବର୍ତ୍ତୀ ସମୟରେ ଶରୀରର ଆଭ୍ୟନ୍ତର ଅଙ୍ଗକୁ ପ୍ରଭାବିତ କରେ ଏବଂ ଏହା ଅନେକ ସମସ୍ୟାର କାରଣ ମଧ୍ୟ ହୁଏ। କେତେକ କ୍ଷେତ୍ରରେ ସର୍ଦ୍ଦି ସମସ୍ୟା ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରି ସମ୍ପୂର୍ଣ୍ଣ ନାକକୁ ବନ୍ଦ କରିଦିଏ। ତେବେ ଏହାକୁ ଅଣହେଳା କଲେ ଏହା ପରବର୍ତ୍ତୀ ସମୟରେ ସାଇନୋସାଇଟିସ୍ ସମସ୍ୟାର ବଡ଼ କାରଣ ହୋଇଥାଏ। ନିୟମିତ ଭାବେ କାନୁ ସଫା ରଖନ୍ତୁ, ଟୁଣୁକା ଟୁଣୁକି କୌଣସି ତେଲ ବା କାଠି କାନ ଭିତରକୁ ପୁରାନ୍ତୁ ନାହିଁ। ଖରାଦିନେ କେତେକଙ୍କ କ୍ଷେତ୍ରରେ ଗଳା ବସିଯିବାର ସମସ୍ୟା ଦେଖାଦିଏ ତେବେ ଅନେକ ହୁଏତ ଜାଣିନଥାନ୍ତି ପେଟ ଗରମ ସମସ୍ୟା ପାଇଁ ମଧ୍ୟ ବେଳେ ବେଳେ ଗଳା ବସିଯିବାର ସମସ୍ୟା ଦେଖା ଦେଇଥାଏ। ତେବେ ଅନେକ ହୁଏତ ଜାଣିନଥିବେ କର୍ଣ୍ଣ-ନାସା-ଗଳା ସମସ୍ୟା ସହ ଆମ ଶରୀରର ସମସ୍ତ ଅଙ୍ଗର ପ୍ରତ୍ୟକ୍ଷ ବା ପରୋକ୍ଷ ସମ୍ପର୍କ ରହିଛି। ଉଚ୍ଚ ସ୍ୱରରେ ବାଦ୍ୟଯନ୍ତ୍ର ସମାବେଶ ଠାରୁ ଦୂରେଇ ରୁହନ୍ତୁ। ସେହିପରି ସବୁବେଳେ ମୋବାଇଲ ଫୋନ କାନରେ ବ୍ୟବହାର ମଧ୍ୟ ଆପଣଙ୍କ କାନର ସମସ୍ୟାକୁ ବଢ଼ାଇ ଦେଇଥାଏ। ଖରାଦିନେ ପାଣିରେ ବୁଡ଼ି ଗାଧୋଇବା ପାଇଁ ଅନେକଙ୍କୁ ଭଲ ଲାଗିଥାଏ ତେବେ କାନ ଭିତରୁ ଅଧିକ ପରିମାଣର ପାଣି ପଶିଯାଏ ଯାହାକି ପରବର୍ତ୍ତୀ ସମୟରେ କାନ ବିନ୍ଧାର କାରଣ ହୁଏ ଏବଂ କେତେକ କ୍ଷେତ୍ରରେ କାନରୁ ପାଣି ମଧ୍ୟ ବାହାରେ। ସେହିପରି ନାକରେ କାଠି ଭର୍ତ୍ତିକରି ଛିଙ୍କିବା ଅଭ୍ୟାସ ଅନେକଙ୍କର ଥାଏ। ଏଥିରୁ ନିବୃତ୍ତ ରୁହନ୍ତୁ। ଖରାଦିନେ ଆଉ ଗୋଟିଏ ଘାତକ ସମସ୍ୟା ଦେଖାଦେଇଥାଏ ତାହା ହେଉଛି କେତେ ଜଣଙ୍କର ତୀବ୍ର ଖରା ସମସ୍ୟା ବା ପୂର୍ବରୁ ରହିଥିବା ମସ୍ତିଷ୍କଜନିତ ସମସ୍ୟା ପାଇଁ ନାକରୁ ରକ୍ତ ନିର୍ଗତ ହୋଇଥାଏ। ଏ ଦିଗକୁ ଅତ୍ୟନ୍ତ ଗୁରୁତର ସହ ଚିନ୍ତା କରିଥାନ୍ତୁ। କାରଣ ଏହା ଏକ ମାମୁଲି ସମସ୍ୟା ନୁହେଁ। ସେହିପରି ଉଚ୍ଚସ୍ୱରରେ ଆୱାଜ କରନ୍ତୁ ନାହିଁ ଏହା ଆପଣଙ୍କର ଗଳାକୁ ପ୍ରଭାବିତ କରିଥାଏ। ଆପଣ ଏକ ଭଲ ରୁଟିନଟିଏ ତିଆରି କରି ସର୍ବପ୍ରଥମେ ପ୍ରତ୍ୟୁଷରୁ ଉଠିବା ଅଭ୍ୟାସ କରନ୍ତୁ। ଯୋଗ ପ୍ରାଣାୟମ ବା କୌଣସି ଶାରୀରିକ ବ୍ୟାୟାମ, ପ୍ରାତଃ ଭ୍ରମଣ ଖୁବ ଭଲ। ନିଜର ଖାଇବା ଓ ବିଶ୍ରାମ ସମୟ ଏକ ସୁନର୍ଦ୍ଦିଷ୍ଟ ରଖନ୍ତୁ। ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ। ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ, ତଟକା ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ। ଫଳ ଓ ଶାଗ ମଧ୍ୟ ଖୁବ ଭଲ। ଆମିଷ ନଖାଇବା ମଧ୍ୟ ଭଲ ଅଭ୍ୟାସ। ବଜାରର ଫାଷ୍ଟଫୁଡ, ଫ୍ରିଜରେ ରହିଥିବା ବାସୀ ଥଣ୍ଡାଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ। ମନକୁ ସବୁବେଳେ ଏକ ସକରାତ୍ମକ ଭାବନାରେ ରଖନ୍ତୁ। ଅନ୍ୟ ଜଣଙ୍କୁ ସାହାଯ୍ୟ କରିବା ଏବଂ ବନ୍ଧୁବର୍ଗଙ୍କ ସହ ନିୟମିତ ସମ୍ପର୍କରେ ରହିବା ଏକ ଭଲ ଅଭ୍ୟାସ। ଏସବୁ ସମ୍ପର୍କ ଜଣକୁ ସକରାତ୍ମକ ଭାବନାକୁ ନେଇଥାଏ। ଏସବୁ ସତ୍ତ୍ୱେ ଯଦି କାନ-ନାଗ-ଗଳାର ସଂକ୍ରମଣ ହୋଇଥାଏ ତେବେ ତୁରନ୍ତ କର୍ଣ୍ଣ-ନାସା-ଗଳା ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

କଟକ

# ମାନସିକ ଅବସାଦରୁ ମୁକ୍ତି ପାଇଁ ପରିବାରର ଭୂମିକା



ଶିବମ୍ ପଟ୍ଟନାୟକ

ଆମେ ବେଳେ ବେଳେ କଥା ପ୍ରସଙ୍ଗରେ ଅନ୍ୟକୁ କହିଥାଉ କି – ତୋର ମୁଣ୍ଡ ତ ଖରାପ ହୋଇଯାଇଛି କି କ୍ଷ ତେବେ ଜାଣତରେ ହେଉ ବା ଅଜାଣତରେ ଆମେ ମାନସିକ ସ୍ୱାସ୍ଥ୍ୟ କଥା ହିଁ କହିଥାଉ । ଏହି କଥାକୁ ସମସ୍ତେ ହାଲୁକା ଭାବରେ ନେଇଥାନ୍ତି କ୍ଷ ମାତ୍ର ଆମକୁ ବୁଝିବାକୁ ହେବ ଯେ ଜଣେ ବ୍ୟକ୍ତିର ଜୀବନରେ ମାନସିକ ସ୍ୱାସ୍ଥ୍ୟ ର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ । ମାନସିକ ସ୍ୱାସ୍ଥ୍ୟ ଜଣେ ମଣିଷର ଆଚାର, ବିଚାର, କାର୍ଯ୍ୟଶୈଳୀ , ମାନସିକ ଦକ୍ଷତା , ବ୍ୟବହାର ସବୁକୁ ନିୟନ୍ତ୍ରଣ କରିଥାଏ । ଆମର ଶାସ୍ତ୍ର ପୁରାଣ ମାନଙ୍କରେ ମଣିଷର ଶରୀର କୁ ଓଲଟବୃକ୍ଷ ଭାବରେ ଚିତ୍ରଣ କରାଯାଇଛି କ୍ଷ ଅର୍ଥାତ୍; ଗୋଟେ ବୃକ୍ଷର ମୂଳ ଯେଉଁଭଳି ଭାବରେ ମାଟିରେ ନିହିତ ଥାଇ ତାକୁ ସମସ୍ତ ଆବଶ୍ୟକୀୟ ପୋଷକତତ୍ତ୍ୱ ଯୋଗାଇବା ସହିତ ତାର କ୍ରିୟା, ପ୍ରକ୍ରିୟା କୁ ନିୟନ୍ତ୍ରଣ କରିଥାଏ , ଠିକ୍ ସେହିଭଳି ଭାବରେ ମଣିଷର ମସ୍ତିଷ୍କ ଶରୀରର ଉପର ଭାଗରେ ଥାଇ ମଧ୍ୟ ତାର ବିଭିନ୍ନ ସ୍ନାୟବିକ ପ୍ରକ୍ରିୟା ଦ୍ୱାରା ଆମର ସମସ୍ତ ଶାରୀରିକ ତଥା ମାନସିକ କାର୍ଯ୍ୟକଳାପ କୁ ନିୟନ୍ତ୍ରଣ କରିଥାଏ ।

ଗବେଷଣା କୁହେ – ; ଯଦି ଜଣେ ପ୍ରତେହ ଯୋଗ, ଧ୍ୟାନ, ପ୍ରାଣାୟମ , ବ୍ୟାୟାମ, ପୁସ୍ତକ ପାଠ କରିବା, ସ୍ତୋତ୍ର ମନ୍ତ୍ର ଆଦି ଉଚ୍ଚାରଣ କରିବା ଅଭ୍ୟାସ କରେ ; ତେବେ ଏହା ଦ୍ୱାରା ତାର ବୌଦ୍ଧିକ ବିକାଶ ଘଟିବା ସହିତ ମାନସିକ ସ୍ୱାସ୍ଥ୍ୟ ରେ ଅଭିବୃଦ୍ଧି ଘଟିଥାଏ । ବ୍ୟକ୍ତିର ଆନ୍ତରିକ ଉର୍ଜା ର ପ୍ରକାଶ ଘଟିବା ସହିତ ତା ଭିତରେ ଥିବା ସୃଜନଶୀଳତା, ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ ଘଟିଥାଏ । ମସ୍ତିଷ୍କ ରେ ଥିବା ପିନିଆଲ୍ ଗ୍ରନ୍ଥିରୁ ଅକ୍ସିଟୋସିନ, ଡୋପାମିନ୍, ସେରିନ୍ ଭଳି ଭଲ ସ୍ନାୟୁ ରସ କ୍ଷରଣ ହୋଇ ମସ୍ତିଷ୍କ କୁ ସୁସ୍ଥ ତଥା ସତେଜ ରଖିବା ପାଇଁ ସାହାଯ୍ୟ କରେ । ।ଳରେ ଆମ ସମାଜରେ ଲୋକ ମାନଙ୍କ ମଧ୍ୟରେ ନିଦ୍ରା ହୀନତା, ମାନସିକ ଅବସାଦ, ମାନସିକ ଚାପ, ଦୁଶ୍ଚିନ୍ତା ଭଳି ସମସ୍ୟା ନଥିଲା କ୍ଷ ଯୌଥ ପରିବାରର ପ୍ରଚଳନ କାହିଁ କେତେ କାଳରୁ ରହି ଆସିଥିଲା ଆମ ସମାଜରେ । ତେଣୁ ଆମକୁ ମାନସିକ ଅବସାଦ ଦୂରୀକରଣ କ୍ଷେତ୍ରରେ ପରିବାରର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ଉପଲବ୍ଧି କରିବାକୁ ହେବା କ୍ଷ ପରିବାର ରେ ପରସ୍ପର ସ୍ନେହ, ପ୍ରେମ ଶ୍ରଦ୍ଧା, ଆଦର ଓ ଭଲପାଇବା ଦ୍ୱାରା ମାନସିକ ଅବସାଦର ବିନା ଔଷଧରେ ଚିକିତ୍ସା ସମ୍ଭବ।

*କଳନ୍ତିରା, ବିରିଡି, ଜଗତସିଂହପୁର*

# ଭାରତୀୟ ଦର୍ଶନରେ ସାରାବିଶ୍ୱ ଏକ ପରିବାର

ଗୋପାଳ ମହାପାତ୍ର

ପୂର୍ବ କାଳରେ ରାଜ୍ୟ ଶାସନ ବା ଗାଦି ପାଇଁ ରାଜାମାନେ ଯୁଦ୍ଧ ଲଢୁଥିଲେ। କିନ୍ତୁ ଏବେ ସେଇ ପରମ୍ପରା ବଦଳିଯାଇଛି ଓ ଶାସନ ଗାଦି ପାଇଁ ନିର୍ବାଚନ ଲଢ଼ିବା ବ୍ୟବସ୍ଥାକୁ ଆମେ ଆପଣେଇ ନେଇଚେ। ଯୁଦ୍ଧ ଏବଂ ନିର୍ବାଚନରେ ଏକ ମୌଳିକ ପାର୍ଥକ୍ୟ ରହିଛି। ଯୁଦ୍ଧ ଶତୃଭାବରେ ଲଢା ଯାଉଥିଲା କିନ୍ତୁ ନିର୍ବାଚନ ବନ୍ଧୁଭାବରେ ଲଢାଯାଉଥିଲା ଯଦିଓ ଏହି ଭାବରେ ଏବେ କିଛି ପରିବର୍ତ୍ତନ ହୋଇଛି। ଯୁଦ୍ଧରେ ଲଢେଇ ଶତୃପକ୍ଷ ସହ ହୋଇଥାଏ, କିନ୍ତୁ ନିର୍ବାଚନରେ ଲଢ଼ିବାବାଲା, ପ୍ରତି ପକ୍ଷ ହୋଇଥାଏ। ଯୁଦ୍ଧରେ ଶରୀର ଏବଂ ପ୍ରାଣର ବଳି ଅର୍ଥାତ୍ ହତ୍ୟାକୁ ସ୍ୱାଭାବିକ ବୋଲି ଗ୍ରହଣ କରାଯାଉଥିଲା। କିନ୍ତୁ ନିର୍ବାଚନରେ ମନ ଏବଂ ବୁଦ୍ଧି ଅର୍ଥାତ୍ ତର୍କ ମାଧ୍ୟମରେ ନିଜର ବର୍ଚ୍ଚସ୍ୱସ୍ଥାପିତ କରାଯାଇଥାଏ। ଶାସନ ଗାଦି ପ୍ରାପ୍ତି ପରମ୍ପରାର ଏହି ମୌଳିକ ପରିବର୍ତ୍ତନ ବିଷୟରେ ଅର୍ଥାତ୍ ଯୁଦ୍ଧ ତ୍ୟାଗ କରି ନିର୍ବାଚନର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଆପଣେଇବା ପ୍ରସଙ୍ଗରେ ଥିବା କାରଣ ସମ୍ପର୍କରେ ଜାଣିବା ମଧ୍ୟ ଜରୁରୀ। ଏହି ପୃଷ୍ଠଭୂମୀରେ ଶସ୍ତ୍ର ଏବଂ ଶାସ୍ତ୍ରର ସମନ୍ୱୟ ରକ୍ଷା କରୁଥିବା ଆମ ସମ୍ବିଧାନକୁ ବୁଝିବା ମଧ୍ୟ ଜରୁରୀ।

ପୌରାଣିକ କାଳର ବିଚାର ନକରି ଆମେ ବିଗତ ୨୦୦୦ ବର୍ଷ ତଳର ଘଟଣାକ୍ରମକୁ ଅଧ୍ୟୟନ କଲେ ଜଣାପଡ଼େ ଯେ ଭାରତରେ ନିଜ ନିଜର ଭୌଗୋଳିକ ପରିଧି ମଧ୍ୟରେ ରହି ରାଜ୍ୟ ଶାସନ କରୁଥିବା ତଥା ନିଜ ରାଜ୍ୟର ସୁରକ୍ଷା ପାଇଁ ଅଥବା ରାଜ୍ୟ ବିସ୍ତାର ପାଇଁ ଯୁଦ୍ଧ କରିଥିବା ଶହ ଶହ ରାଜା ଥିଲେ। ରାଜ୍ୟ କାରଣରୁ ଭୌଗୋଳିକ ବିଭାଜନ ସତ୍ତ୍ୱେ ଭାରତର ସାଂସ୍କୃତିକ ଏକତାକୁ ବଜାୟ ରଖିବାର କାମ ସାଧୁ-ସନ୍ଥ ଏବଂ ମୂନୀ ଋଷି ଏପରିକି କଳାକାର ଏବଂ ସାହିତ୍ୟକ ମାନେ କରୁଥିଲେ। ରାଜ୍ୟ ବ୍ୟବସ୍ଥା ଏଇ ସଂସ୍କୃତି ସାଧକଙ୍କ ପାଇଁ ବାଧକ ନଥିଲା ବରଂ ସହାୟକ ଥିଲା। କାରଣ ଭାରତ-ରାଷ୍ଟ୍ରର ସାଂସ୍କୃତିକ ଚିନ୍ତନରେ – 'ଏକ୍ ସତ୍ ବିପ୍ରା ବହୁଧା ବଦିନ୍ତ' କଥାଟା ସର୍ବମାନ୍ୟ ଥିଲା। ସତ୍ୟ ଯଦିଓ ଏକ କିନ୍ତୁ ବିଦ୍ୱାନ ବା ଜ୍ଞାନୀ ମାନେ ଏହାର ବ୍ୟାଖ୍ୟା ନିଜ ନିଜ ଢଙ୍ଗରେ ବିଭିନ୍ନ ରପରେ କରିଥାନ୍ତି। ଏହି ଭାବ ରାଜା ଏବଂ ପ୍ରଜାଙ୍କ ସ୍ୱଭାବରେ ଥିଲା। ପରିଣାମ ସ୍ୱରପ ବିଭିନ୍ନ ପନ୍ଥା/ ଧର୍ମର ସହଅସ୍ତିତ୍ୱ ଏଇ ଭାରତର ପରିଚୟ ଥିଲା। ଶୈବ, ଶାକ୍ତ, ବୈଷ୍ଣବ, ଆଦିଙ୍କ ସହ ଜୈନ, ବୁଦ୍ଧ, ଆଦି ପନ୍ଥାଧର୍ମକୁ ଭାରତୀୟ ସମାଜ ଆପଣେଇ ନେଇଥିଲା।

ଜମ୍ବୁଦ୍ୱିପ, ଭାରତଖଣ୍ଡ, ଆର୍ଯ୍ୟାବର୍ତ୍ତ , ହିନ୍ଦୁସ୍ଥାନ, ଭାରତ ଆଦି ନାମରେ ଖ୍ୟାତି ପ୍ରାପ୍ତି ଏହି ଭୂଭାଗ 'ଭା' ରେ 'ରତ' (ଭାରତ) ଅର୍ଥାତ୍ ଜ୍ଞାନ ପ୍ରାପ୍ତି ପାଇଁ ଉଦ୍ୟମ କରୁଥିବା ଲୋକଙ୍କ ନିବାସ ସ୍ଥଳ ଅଟେ। ଏହାକୁ ବିଶ୍ୱ ସମୁଦାୟ ଏହି ଅର୍ଥରେ ଗ୍ରହଣ କରିଥିଲା। ନାଳନ୍ଦା, ତକ୍ଷଶୀଳା ଆଦି ବିଶ୍ୱବିଦ୍ୟାଳୟ ସାରାବିଶ୍ୱରେ ଜ୍ଞାନ ବିତରଣ କରୁଥିଲେ। ଭାରତରେ ଜ୍ଞାନ ସମ୍ପଦ ସହ ଆର୍ଥୀକ ସମ୍ପଦ ମଧ୍ୟ ଭରିରହିଥିଲା ଓ ଏହି ଭାରତ ଭୂଖଣ୍ଡକୁ ବିଦେଶମାନେ 'ସୁନାର ଚିଡିଆ' ବୋଲି କହୁଥିଲେ। 'ଶତ ହସ୍ତେ ସମାହାର ସହସ୍ର ହସ୍ତେ ବିକିର' ଏହି ସୁତ୍ରର ଆଧାରରେ ଶହେ ହାତରେ ଜ୍ଞାନ ସମ୍ପଦ ତଥା ଆର୍ଥୀକ ସମ୍ପଦ ଯୋଗାଡ଼ କରି ଜନସ୍ୱାର୍ଥ ପାଇଁ ହଜାର ହାତରେ ବିତରଣ କରିବା ଭାରତବାସୀ ତଥା ଭାରତବଂଶୀଙ୍କ ସ୍ୱଭାବ ଥିଲା। ଏହି ଉଦାରମନା ଭାରତୀୟ ସମାଜ ସାରା ବିଶ୍ୱକୁ ପରିବାର ଭାବରେ 'ବସୁଧୈଅବ କୁଟୁମ୍ବକମ୍' ରପରେ ଦେଖିବାକୁ ଲାଗିଲା।

୨୦୦୦ ବର୍ଷ ପୁର୍ବେ ପଶ୍ଚିମୀ (ୟୁରୋପ) ଦେଶରୁ ଏମିତି ଏକ ଚିଂନ ଜନ୍ମନେଲା ଯାହା ବିଶ୍ୱକୁ ପରିବାର ନୁହେଁ ବଜାର ଭାବେ ଦେଖିବାକୁ ଲାଗିଲା। ବଜାରରେ ନିଜର ସ୍ଥିତି ଜାହିର କରିବା ପାଇଁ ଛଳ -କପଟ, ଚାତୁର୍ଯ୍ୟର ସାହାଯ୍ୟ ନିଆଯାଇଥାଏ। ଏହି ଛଳ କପଟ ରାସ୍ତାକୁ ସେମାନେ ଆଦରି ନେଇଥିଲେ ଓ ନିଜର ଲକ୍ଷ ପ୍ରାପ୍ତି ପାଇଁ ବାଇବେଲ ନାମକ ଏକ ଧାର୍ମିକ ଗ୍ରନ୍ଥର ରଚନା କରିଥିଲେ ଏବଂ ତାକୁ ପାଥେୟ କରି ବ୍ୟବସାୟ ସହ ସେମାନେ ତାଙ୍କ ଧର୍ମର ବିସ୍ତାର କରିବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଥିଲେ। ଧିରେ ଧିରେ ଖ୍ରୀଷ୍ଟ ଧର୍ମ ନାମକ ଧର୍ମ ଅନ୍ୟ ଦେଶ ମାନଙ୍କ ସହ ଭାରତରେ ବ୍ୟାପିବାରେ ଲାଗିଲା।

ଭାରତ ପାଇଁ ଏହା ଉପେକ୍ଷିତ ନଥିଲା। ଏଣୁ ଭାରତର ସଂସ୍କୃତି ସାଧକ ତଥା ରାଜା ମାନଙ୍କ ମଧ୍ୟରେ ମତଭେଦ ସତ୍ତ୍ୱେ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ସେମାନେ ଭକ୍ତି ଏବଂ ଶକ୍ତି ର ସାହାଜ୍ୟରେ ସଂଘର୍ଷ କରିଥିଲେ। ନାରୀ ଏବଂ ପ୍ରକୃତିକୁ ଉପଭୋଗର ବସ୍ତୁ ବୋଲି ଗ୍ରହଣ କରିବା ଭାରତୀୟ ମାନସିକତା ନୁହେଁ। ଏଣୁ ଇସଲାମ ଧର୍ମ ସହ ବିରୋଧାଭାଷ କେବଳ ରାଜକୀୟ ଗାଦି ପାଇଁ ନଥିଲା ବରଂ ଥିଲା ମାନବୀୟ ମାନ୍ୟତା ପାଇଁ। ଭାରତର ସଂସ୍କୃତି ସବୁବେଳେ ଶାନ୍ତି ଓ ସଦ୍‌ଭାବକୁ ଗୁରୁତ୍ୱ ଦେଇଥାଏ।

ଭାରତ ଭୂଭାଗକୁ ପଶ୍ଚିମ ଦେଶରୁ ଆସିଥିବା ଖ୍ରୀଷ୍ଟ ଧର୍ମ ହେଉ ବା ଶସ୍ତ୍ର ସହାୟତାରେ ଆସିଥିବା ଇସଲାମ ଧର୍ମ ଏସବୁକୁ ଭାରତୀୟ ସଂସ୍କୃତି ମାନ୍ୟତା ଦେଇଛି ଓ ସେମାନଙ୍କୁ ପରିବାର ବୋଲି ଗ୍ରହଣ କରିନେଇଛି। ଭାରତୀୟ ସଂସ୍କୃତି ବିଶ୍ୱର ପୁରାତନ ସଂସ୍କୃତି ଏବଂ ଏହା ବିବିଧତାରେ ଭରପୁର। ଭାରତୀୟ ସଂସ୍କୃତି ସାରା ବିଶ୍ୱକୁ ଏକ ପରିବାର ବୋଲି ଭାବି ଆସିଛି।

**ରାମଚନ୍ଦ୍ରପୁର, ରଣପୁର**

# ମୋ ଓଡ଼ିଶା

## ମୋବାଇଲ ନେଟୱାର୍କ ସେବା ରୁ ବଞ୍ଚିତ ଜିଲ୍ଲା ପରିଷଦଙ୍କ ଗାଁ

### ଗଛ ଉପରେ ଚାଲିଛି ମୋବାଇଲ ନେଟୱାର୍କ ଖୋଜା,କେୱାଇସି ଅପଡେଟ ରୁ ବଞ୍ଚିତ ରାସନ କାର୍ଡ ହିତାଧିକାରୀ

ଜୟପୁର,(ପି.ଏନ); ଆଜିର ଆଧୁନିକ ଯୁଗରେ ଡିଜିଟାଲ ମାଧ୍ୟମରେ ସମସ୍ତ କାର୍ଯ୍ୟ କରାଯାଉଛି,କୋରାପୁଟ ସହର ଠାରୁ ମାତ୍ର ୭ କିଲୋମିଟର ଦୂର ଖାରୀଗୁଡା ରେ ନାହିଁ ମୋବାଇଲ ନେଟୱାର୍ଡ, ଡିଜିଟାଲ ସେବାରୁ ବଞ୍ଚିତ ଖାରୀଗୁଡା ଗ୍ରାମବାସୀ,ଆଜିର ଆଧୁନିକ ଯୁଗରେ ସମସ୍ତ କାର୍ଯ୍ୟ ଡିଜିଟାଲ ମାଧ୍ୟମରେ କରାଯାଉଥିଲେ ମଧ୍ୟ କୋରାପୁଟ ସଦର ମହକୁମା ଠାରୁ ମାତ୍ର ୭ କିଲୋମିଟର ଭିତରେ ନାହିଁ ମୋବାଇଲ ନେଟୱାକ ସେବା,ଯାହା ଫଳରେ ଡିଜିଟାଲ ସେବାରୁ ବଞ୍ଚିତ ଗ୍ରାମବାସୀ, ଏ ହେଉଛି କୋରାପୁଟ ସଦର ମହକୁମା ଠାରୁ ମାତ୍ର ୭ କିଲୋମିଟର ଜିଲ୍ଲା ପରିଷଦ ରଘୁ ଜାନି ଙ୍କ ଗାଁ ଖାରୀଗୁଡା ଏହି ଗ୍ରାମରେ ୧୫୦ ଘର ରହିଛି, ଗାଁ ରେ ମୋବାଇଲ ନେଟୱାର୍କ ନ ଥିବା ଯୋଗୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ଶମ୍ମୁଖିନ ହେଉଛନ୍ତି, ରାସନ କାର୍ଡ କେୱାଇସି ଅପଡେଟ୍ କରିବା ପାଇଁ କେଉଁଠି ପାହାଡ଼ ଉପରକୁ ଚଢିବା ପାଇଁ ପଡୁଛି ତ ଆଉ କେଉଁଠି ମାଇଲ ମାଇଲ ବାଟ ଯାଇ କେୱାଇସି ଅପଡେଟ କରୁଛନ୍ତି ଗ୍ରାମବାସୀ, ମାଗଣା ରେ କେୱାଇସି ଅପଡେଟ୍ ହେଉଥିଲେ, ମଧ୍ୟ ଗାଁ ରେ ମୋବାଇଲ ନେଟୱାର୍କ ନ ଥିବା ଯୋଗୁ ଗ୍ରାମବାସୀ ବାଧ୍ୟ ହୋଇ ଅଟୋ ଭଡା କରି କୋରାପୁଟ ଆସୁଛନ୍ତି,ଅନେକ ସମୟରେ ରାସନ କାର୍ଡ ଧାରୀ ଙ୍କ କେୱାଇସି ଅପଡେଟ୍ ର ଟିପ ଚିହ୍ନ ନେଉ ନ ଥିବା ଯୋଗୁ ଅଟୋ ଭଡା କରି ଗ୍ରାମବାସୀ ବାରମ୍ବାର କୋରାପୁଟ କୁ ଯାଉଛନ୍ତି,ଜିଲ୍ଲା ପରିଷଦ ଙ୍କ ଗାଁ ରେ ମୋବାଇଲ ନେଟୱାର୍କ ନ ଥିବା ଯୋଗୁ, ଜିଲ୍ଲା ପରିଷଦ ରଘୁ ଜାନି ଙ୍କ ପାଖରେ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ଥିଲେ, ଲୋକେ ଖୋଜି ଖୋଜି ଗ୍ରାମ କୁ ଆସୁଛନ୍ତି, ଗାଁ ରେ ମୋବାଇଲ ନେଟୱାର୍କ ନ ଥିବା ଯୋଗୁ ଗ୍ରାମରେ କୌଣସି ଡିଜିଟାଲ କାମ ହେଇ ପାରୁନାହିଁ,ଛାତ୍ର ଛାତ୍ରୀ ମାନେ ଗଛ ଉପରେ ଚଢି ଅନ, ଲାଇନ ମାଧ୍ୟମରେ ପାଠ ପଢୁଛନ୍ତି ଯଦି ଗ୍ରାମରେ କୌଣସି ରୋଗୀ ଗୁରୁତ୍ୱର ହୋଇପଡନ୍ତି, ଆମ୍ବୁଲାନ୍ସ କୁ ଫୋନ କରିବା ପାଇଁ ପାହାଡ଼ ଉପରକୁ କିମ୍ବା ଗଛ



ଉପରେ ଚଢି ପାଇଁ ପଡୁଛି,ଅନେକ ରାସନ କାର୍ଡ ହିତାଧିକାରୀ ମାନେ ସେମାନଙ୍କ କେୱାଇସି ଅପଡେଟ ଆଜି ପର୍ଯ୍ୟନ୍ତ କରି ପାରି ନାହାନ୍ତି,ଖୋଦ ଜନ ପ୍ରତିନିଧି ଙ୍କ ଗ୍ରାମରେ ମୋବାଇଲ ନେଟୱାର୍କ ସମସ୍ୟା ଆଉ ଅନ୍ୟ ଗାଁ କଥା ନ କହିବା ଭଲ,କୋରାପୁଟ ଜିଲ୍ଲାର ୧୪ ଗୋଟି ବ୍ଲକ ରେ ଏହି ଭଳି ସମାନ ସମସ୍ୟା ଲାଗି ରହିଛି, ପ୍ରତି ଗ୍ରାମକୁ ମୋବାଇଲ ନେଟୱାର୍କ ସେବା ଯୋଗାଇ ଦେବା ନିମନ୍ତେ ଜିଲ୍ଲାରେ ୫୦୦ ରୁ ଉର୍ଦ୍ଧ ମୋବାଇଲ ନେଟୱାର୍କ ସ୍ଥାପନ କରାଯିବା ଲକ୍ଷ୍ୟ ରଖା ଯାଇଥିଲା,କିଛି ଅଞ୍ଚଳ ରେ ମୋବାଇଲ ନେଟୱାର୍କ ସ୍ଥାପନ କରାଯାଇଛି,ଆଉ କିଛି ଅଞ୍ଚଳ ରେ ମୋବାଇଲ ନେଟୱାର୍କ ସ୍ଥାପନ କରାଯାଇଥିଲେ,ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ପାରିନାହିଁ,ଗ୍ରାମବାସୀ ଏବେ ମୋବାଇଲ ନେଟୱାର୍କ ପାଇଁ ଚାତକ ଭଳି ଚାହିଁ ରହିଛନ୍ତି, କୋରାପୁଟ ଜିଲ୍ଲାର ୧୪ ଗୋଟି ବ୍ଲକ ରହିଥିବା ବେଳେ ୨୫୦ ପଞ୍ଚାୟତ ରହିଛି,ସେଥି ମଧ୍ୟରୁ ପ୍ରାୟ ୩୦ ଭାଗ ଅଞ୍ଚଳ ରେ ଏବେ ମୋବାଇଲ ନେଟୱାର୍କ ପହଞ୍ଚି ପାରିନାହିଁ, ଯାହା ଫଳରେ ଗ୍ରାମ ବାସୀ ନାହିଁ ନ ଥିବା ଅସୁବିଧାର ଶମ୍ମୁଖିନ ହେଉଛନ୍ତି ଏଥି ପ୍ରତି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବା ସହିତ ଗ୍ରାମରେ ମୋବାଇଲ ନେଟୱାର୍କ ସ୍ଥାପନ କରିବା ପାଇଁ ଦାବି ହେଉଛି,ମୋବାଇଲ ନେଟୱାର୍କ କାର୍ଯ୍ୟ ଚାଲୁ ରହିଛି, ଏହି ବର୍ଷ ଶେଷ ସୁଦ୍ଧା ସମସ୍ତ ଅଞ୍ଚଳ କୁ ମୋବାଇଲ ନେଟୱାର୍କ ସେବା ଯୋଗାଇ ଦିଆଯିବ ବୋଲି କୋରାପୁଟ ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲକା କହିଛନ୍ତି, ଜନ ପ୍ରତିନିଧି ଙ୍କ ଗାଁ ରେ ମୋବାଇଲ ନେଟୱାର୍କ ନ ଥିବା କୁ ନେଇ ସାଧାରଣ ରେ ଅସନ୍ତୋଷ ଦେଖା ଦେଇଛି,ଜିଲ୍ଲା ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବା ସହିତ ଯେଉଁ ଅଞ୍ଚଳ ରେ ମୋବାଇଲ ନେଟୱାର୍କ ସେବା ନାହିଁ, ସେଇ ସବୁ ଅଞ୍ଚଳ କୁ ମୋବାଇଲ ନେଟୱାର୍କ ସେବା ଯୋଗାଇ ଦେବା ପାଇଁ ଦାବି ହୋଇଛି ।

## ୪୯ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ପ୍ରସଙ୍ଗ

### ପ୍ରକଳ୍ପ ମଞ୍ଜୁରି ଘୋଷଣା କଲେ କେନ୍ଦ୍ରମନ୍ତ୍ରୀ

ଝାରସୁଗୁଡ଼ା, (ପି.ଏନ); କନକତୋରା- ଝାରସୁଗୁଡ଼ା ୪୯ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିବା ବେଳେ ଆଜି ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଏହି ପ୍ରକଳ୍ପ । ପାଇଁ ମଞ୍ଜୁରି ଘୋଷଣା କରିଛନ୍ତି। ୨ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ୬୮ କିମି ରାସ୍ତା ୪ଥାକିଆ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦାବିକ୍ରମେ ସେ ଏହି ପ୍ରକଳ୍ପ ମଞ୍ଜୁରି ଘୋଷଣା କରିଥିବା ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀ ନିଜ ବକ୍ତବ୍ୟରେ କହିଥିଲେ। ତେବେ ପ୍ରକଳ୍ପ ଘୋଷଣା ପରେ ଏହାକୁ ନେଇ ଝାରସୁଗୁଡ଼ାବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି ।ବହୁ ବର୍ଷର ଦାବି ପରେ ଏହି ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ ପାଇଁ ୨୦୨୩ ଜାନୁଆରି ୯ ତାରିଖରେ ଜାତୀୟ ରାଜପଥ ପ୍ରାଧିକରଣ ମାର୍କ ଟେକ୍ ?ନୋକ୍ରାଫ୍ଟ ଲିମିଟେଡ୍ ସହିତ ଚୁକ୍ତି କରିଥିଲା। ଡିପିଆର୍ ପ୍ରସ୍ତୁତ କରିବାକୁ ୧୦ ମାସର ମହଲତ ଦିଆଯାଇଥିଲା। କିନ୍ତୁ ଏଲାଇନ୍ ?ମେଣ୍ଟ ଅର୍ଥାତ୍ ରାସ୍ତା କେଉଁ ବାଟରେ ଯିବ ତାକୁ ନେଇ ବିବାଦ ହେବା ପରେ ଏହି ପ୍ରକ୍ରିୟା ବିଳମ୍ବିତ ହୋଇଥିଲା। ଲଖନପୁର ଅଞ୍ଚଳରେ କୋଇଲା ଖଣି ଅଞ୍ଚଳରେ ଜାତୀୟ ରାଜପଥ ଆସିବାରୁ କୋଇଲା କମ୍ପାନି ବିରୋଧ କରିଥିଲା। ଯାହାକୁ ନେଇ ନୂତନ ଏଲାଇନମେଣ୍ଟ ପ୍ରସ୍ତୁତି ହୋଇଥିଲା । ଡିପିଆର୍ ପ୍ରସ୍ତୁତ ହେବା ପରେ ଏହାକୁ ବିଭାଗ ପକ୍ଷରୁ ମଞ୍ଜୁରି ମିଳିଥିବା ଜଣାପଡ଼ିଛି। ନୂତନ ଏଲାଇନମେଣ୍ଟ ଅନୁସାରେ, ବର୍ତ୍ତମାନ ରହିଥିବା ଜାତୀୟ ରାଜପଥକୁ କିଛି ଅଂଶରେ ସ୍ପର୍ଶ ନକରି ଏହି ନୂତନ ରାସ୍ତା ତିଆରି କରାଯିବ ।ଯଦ୍ୱାରା କନକତୋରାରୁ ଝାରସୁଗୁଡ଼ାର ଦୂରତା ଅନ୍ୟୁନ ୪ କିମି ହ୍ରାସ ପାଇବ ବୋଲି ଜଣାପଡ଼ିଛି। ବର୍ତ୍ତମାନ ରହିଥିବା ତୀଖ ବୁଲାଣିଗୁଡ଼ିକୁ ମଧ୍ୟ ଏହି ନୂତନ ଏଲାଇନମେଣ୍ଟରୁ ବାଦ୍ ଦିଆଯାଇଥିବା ଜଣାପଡ଼ିଛି। ରୋଡ଼ର ଡିଜାଇନ୍ ?ରେ ସମସ୍ତ ନିରାପତ୍ତା ଦିଗକୁ ପ୍ରାଧାନ୍ୟ ଦିଆଯାଇଥିବା ସୂଚନା ମିଳିଛି।

## ହତ୍ୟା ନା ଆତ୍ମହତ୍ୟା , ସନ୍ଦେହରେ ଜନତା

ବୋଲଗଡ଼,(ପି.ଏନ): ସକାଳୁ ସକାଳୁ ଖବର ଆସିଲା ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ୍ , ବୋଡଳମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୌଡ଼ ପାଟଣା ମହୁଲକୁଦିଆ ଜଙ୍ଗଲ ନିକଟରେ ଦୁଇ ଜଣଙ୍କ ମୃତ ଶରୀର ଗୋଟେ ଥୁଣ୍ଟା ଗଛ ଡାଳରେ ଝୁଲୁଛି। ଏଣୁ ତତକ୍ଷଣାତ ଯାଇ ଦେଖିଲା ବେଳକୁ ସେ ଦୁଇ ଜଣ ହେଲେ, ଜଣେ ମହିଳା ବିଉଟିଶିଆନ ଶାନ୍ତିଲତା ମହାପାତ୍ର, ବୟସ ପାଖା ପାଖି ୪୦, ଯେ କି ରାଜ ସୁନାଖଳା ବଜାରରେ ପ୍ରାୟ ଦଶ ବର୍ଷ ତଳୁ ମହିଳା ବିୟୁଟି ପାର୍ଲର ଟିଏ କରି ଭଲ ଦୁଇ ପଇସା ରୋଜଗାର କରି ଚଳି ଆସୁଥିଲେ । ଅନ୍ୟ ଜଣେ ଅଜୟ କୁମାର ପ୍ରଧାନ, ବୟସ ପାଖାପାଖି ୪୩, ରାଜ ସୁନାଖଳା, ଅଜୁ ଗ୍ୟାରେଜ କହିଲେ ସମସ୍ତେ ଜାଣନ୍ତି । ପରସ୍ପର ଉଭୟଙ୍କୁ ପ୍ରାୟ କୋଡିଏ ବର୍ଷ ତଳେ ବିବାହ କରିଥିବା ସୂଚନା ମିଳୁଛି। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ମନ ମାଳିନ ହେବାରୁ ଉଭୟ ଉଭୟଙ୍କୁ ପରିତ୍ୟାଗ କରି ଅନ୍ୟତ୍ର ବିବାହ କରି ଚଳୁଥିଲେ । ଶାନ୍ତିଲତାର ଦ୍ୱିତୀୟ ବିବାହ ପରେ ଝିଅଟିଏ ହୋଇ କିଛି ବର୍ଷତଳୁ ଆତ୍ମହତ୍ୟା କରିଥିବା ଜଣା ପଡିଛି । କୌଣସି କାରଣରୁ ଦ୍ୱିତୀୟ ସ୍ୱାମୀ କୁ ଛାଡି ଶାନ୍ତିଲତା ଅଲଗା ଭଡ଼ାଘରେ ରହୁଥିଲେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।



## ଠିକାଦାରଙ୍କର ଜୋର ଜବର ଦସ୍ତ କାମକୁ ନେଇ ପଟ୍ଟା ଧାରୀଙ୍କ ଉତ୍ତେଜନା

ନବରଙ୍ଗପୁର,(ପି.ଏନ): ନବରଙ୍ଗପୁର ଜିଲ୍ଲା ପଡାଲଗୁଡା ଠାରୁ ଡୁଲୁଘାଟି ପର୍ଯ୍ୟନ୍ତ ୩୪ କିଲୋମିଟର ରାସ୍ତା ଯାଉଛି। ରାସ୍ତା ମଧ୍ୟ ଦେଇ ଅନେକ ଗ୍ରାମ ମଧ୍ୟରେ ଅମଳାଭଟ୍ଟା ରହିଛି। ଗୁମିଦୋରା ଠାରୁ ବୁଢାରଜା ପର୍ବତ ଓ ଅମଳାଭଟ୍ଟା ଠାରୁ ପାଇକ ଅମଳାଭଟ୍ଟା ପର୍ଯ୍ୟନ୍ତ ରାସ୍ତା ହେଉଥିବା ଜାଗା ପଟ୍ଟାଧାରୀ ମାଲିକଙ୍କ ରହିଛି। ଏହି ରାସ୍ତାଟି ପଟାଧାରୀଙ୍କ ଜମି ଦେଇ ଯାଉଥିବାରୁ ସେମାନେ ସରକାରଙ୍କ ନିୟମ ପ୍ରକାରେ କ୍ଷତିପୂରଣ ଦାବିକରି ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ଅମଳାଭଟ୍ଟା ଗ୍ରାମର ଲାରେନତୁସ ଗଣ୍ଡା,ପ୍ରଦିପ ଗଣ୍ଡା,ରଞ୍ଜନ,ଧର୍ମେଶ ଗଣ୍ଡା,ବିହାରୀ ଗଣ୍ଡା,ମିଥୁନ,ଗଜେନ୍ଦ୍ର ଗଣ୍ଡା,ଜିତେନ୍ଦ୍ର ଗଣ୍ଡା,ଲିଲୁକାନ୍ତ ଗଣ୍ଡାଙ୍କ ୨ ଏକର ଜମି ରହିଥିବା ବେଳେ ଜଗଦିଶ ବିଷୋୟୀ,ବୃନ୍ଦାବନ ବିଷ,ମେଘନାଦ ବିଷୋୟୀ,ବବିତା ବିଷୋୟୀ,ଚେକ୍ରାଶାହା ବିଷୋୟୀଙ୍କ ୭ ଏକର ଜମି ରାସ୍ତା କାମରେ ଯାଉଛି। ଏହାଛଡା ସନ୍ୟାସୀ ଗୌଡ,ଜଗ ଗୌଡ,ହରି ଗୌଡଙ୍କ ୩୫ ସେଣ୍ଟ ଜମିକୁ ଲାଗି ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କରୁଛି। ଗାଁ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଆକାରରେ ରାସ୍ତା ନିର୍ମାଣକୁ ବିରୋଧ କରି ନାହାନ୍ତି। ହେଲେ ପଟ୍ଟାଧାରୀ ଜମି ମାଲିକ କ୍ଷତି ପୂରଣ ଦେବାକୁ ଦାବି କରିଛନ୍ତି। ଏମାନଙ୍କ ମଧ୍ୟରୁ ସମସ୍ତେ ଚାଷୀ ହୋଇଥିବାରୁ ସେମାନଙ୍କ ଭରଣପୋଷଣ ଚାଷରେ ହିଁ ହୋଇଥାଏ ବୋଲି ହିତାଧିକାରୀ କହିଛନ୍ତି। ରାସ୍ତା କାମ ଚାଲୁଥିବା ସମୟରେ ସେମାନେ ଦୁଇ ଜେସିବି,ରୋଲର କାମକୁ ବନ୍ଦ କରିଥିଲେ। ବର୍ତ୍ତମାନ ରାସ୍ତାର ଦୁଇ ପାର୍ଶ୍ୱ ମାଟି ପକାଯାଇ ଓସାରିଆ



କରାଯାଉଛି। କାମ ବନ୍ଦ କରିବାକୁ ନେଇଁ ଉପସ୍ଥିତ ରହିଥିବା ସୁପରଭାଇଜର ଖବର ଦେବା ପରେ ବିଭାଗୀୟ ଅଧିକାରୀମାନେ ପହଞ୍ଚିଥିଲେ ଓ କଥା ହୋଇଥିଲେ ଯେ ପର୍ଯ୍ୟନ୍ତ କ୍ଷତି ପୂରଣ ଦିଆ ନ ହୋଇଛି ସେ ପର୍ଯ୍ୟନ୍ତ କାମ ହେବ ନାହିଁ ବୋଲି ପ୍ରତିଶୃତି ଦେଇଥିବା କହୁଛନ୍ତି । ଏଥିପୂର୍ବରୁ ମଧ୍ୟ ୮ ମାସ ତଳେ ଗାଁର ପଟ୍ଟାଧାରୀମାନେ ଆସି ବିଭାଗୀୟ ଅଧିକାରୀଙ୍କୁ ପଟ୍ଟା ଥିବାକୁ ନେଇ ଅବଗତ କରାଇ ଛନ୍ତି ।ତଥାପି ଆଜି ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀ ଏବଂ ଠିକାଦାର ନିରବ।

## ଜଙ୍ଗଲ ଜମିରେ ଠିକାଦାରଙ୍କ ବେଆଇନ ପାର୍କିଂ ଓ ଷ୍ଟକୟାର୍ଡ଼ ନିର୍ମାଣ, ପ୍ରଶାସନ ନୀରବଦ୍ରଷ୍ଟା

କଳିଙ୍ଗନଗର,(ପି.ଏନ): କଳିଙ୍ଗନଗର ଶିଳ୍ପାଞ୍ଚଳରେ ପ୍ରଶାସନ ସ୍ଥାଣୁ ପାଲଟିଛି ।କଳିଙ୍ଗ ନଗର ରେ ଥିବା ଜଙ୍ଗଲ ଜମି ଓ ଅନାବାଦୀ ଏବେ ଅଣଓଡ଼ିଆ ଠିକାଦାରଙ୍କ କବ୍ଜାରେ । କଳିଙ୍ଗନଗର ଶିଳ୍ପାଞ୍ଚଳ ଚାରିପାଖରେ ଏକର ଏକର ସରକାରୀ ଜମି ନିର୍ଭୟ ରେ ବେଧଡକ ଭାବେ ଜବରଦଖଲ ଦିନକୁ ଦିନ ବଢ଼ି ଚାଲିଛି। ପ୍ରଶାସନର ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗ ନୀରବ ଦ୍ରଷ୍ଟା ସାଜିଛନ୍ତି। ଏପରି ଏକର ଏକର ବେଆଇନ ଜଙ୍ଗଲ ଜମି ଜବରଦଖଲ ହୋଇଥିବା ଦେଖିବାକୁ ମିଳିଛି ଦାନଗଦୀ ତହସିଲ ଅନ୍ତର୍ଗତ ନଡ଼ିଆଭଙ୍ଗା ମୌଜାର ଖାତା ନମ୍ବର ୯୦ର ପ୍ଲଟ ନମ୍ବର ୯୩ ଓ ୧୦୩ଜମିରେ ।ଏହି ଏକ ଏକରରୁ ଉର୍ଦ୍ଧ ଜାଗାରେ ଏକ ଅଣ ଓଡ଼ିଆ ଠିକାଦାର ଗାଡି ପାର୍କିଂ କରିବା ସହ ଷ୍ଟକୟାର୍ଡ଼ ଭାବେ ବ୍ୟବହାର କରୁଛି। ଏହି ଗାଡି ପାର୍କିଂ ଓ ଷ୍ଟକ ୟାର୍ଡ଼ଟି ଡୁବୁରୀ ରୁ ଦୈତାରୀ ରାଜ୍ୟରାଜପଥ ରେ ଯିବା ବେଳେ ରାସ୍ତା ପାର୍ଶ୍ୱରେ ଜାମୁପଶୀ ନିକଟରେ ହୋଇଛି, ଏହି ଜମିର କିସମ ଶାଳ ଜଙ୍ଗଲ (ଅନାବାଦୀ )ଥିବା ବେଳେ ସେହିଠାରେ ଆଗରୁ ଝାଟି ଜଙ୍ଗଲ ଥିଲା, ଏହି ସରକାରୀ ଜମିରୁ ଧୀରେ ଧୀରେ ଜଙ୍ଗଲ ସଫାକରି ଜଙ୍ଗଲ ଓ ରାଜସ୍ୱ ବିଭାଗ ଜାଣତରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଜମି ମାଫିଆ ୟୁ. ଏ. ଇ. ନାମକ ଜଣେ ବାହାର ଅଣଓଡ଼ିଆ ଠିକାସଂସ୍ଥାକୁ ମାସକୁ ଲକ୍ଷାଧିକ ଟଙ୍କାରେ ଭଡା ସୂତ୍ରରେ ଦେଇଥିବା ଅଭିଯୋଗ ହେଉଛି ।ବିବେକ ଜୈନ ନାମକ ଜଣେ ଠିକାଦାର ଏହି ଜାଗାକୁ ଧୀରେ ଧୀରେ ପାଚେରୀ କରି ମାଡି ବସି ଶହ ଶହ ଭାରୀ ଯାନ ପାର୍କିଂ କରିବା ଫଳରେ ମାତ୍ରାଧିକ ଧୂଳି ଉଡି ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଉଥିବା



ବେଳେ ଟ୍ରାଫିକ ସମସ୍ୟା ଉପୁଜୁଛି। କଳିଙ୍ଗନଗରରେ ଶିଳ୍ପ ଜନିତ ପ୍ରଦୂଷଣ ଜଙ୍ଗଲ ଓ ସବୁଜ ବଳୟ ଅଭାବ କାରଣରୁ ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ଜଙ୍ଗଲ ଜମିରେ ବୃକ୍ଷରୋପଣ କରିବା ପରିବର୍ତ୍ତେ ଦେଖି ନ ଦେଖିଲା ପରି ରକ୍ଷକ ହୋଇ ଭକ୍ଷକ ହେବା ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ପ୍ରଶାସନ ଏତେ ପରିମାଣରେ ଜଙ୍ଗଲଜମିକୁ ଅଣ ଓଡ଼ିଆ ଠିକାଦାରଙ୍କ କବ୍ଜାରୁ ଉଦ୍ଧାରକରି ନୂତନ ଜଙ୍ଗଲ ସୃଷ୍ଟି କରି ପରିବେଶ ସୁରକ୍ଷା କରିବା ପାଇଁ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମାନେ ଦାବୀ କରୁଛନ୍ତି ।ଆଗକୁ ସ୍ଥାନୀୟ ଜନସାଧାରଣ ଥିବେ ସତ କିନ୍ତୁ କିଛି ବର୍ଷ ପରେ ଅଣଓଡ଼ିଆ ଠିକାଦାର ରାଜ୍ କରୁଥିବେ ତାହା ତିଳେ ମାତ୍ର ସନ୍ଧେହ ନାହିଁ ।ଏପଟେ ସ୍ଥାନୀୟ ତହସିଲଦାର ପକ୍ଷରୁ କଣ କାର୍ଯ୍ୟ ଅନୁଷ୍ଠାନ ନିଆଯାଉଛି ତାହା ଦେଖିବାକୁ ବାକି ରହିଲା।

## ଦୀର୍ଘ ବର୍ଷ ହେଲା ଜମି ଓ ଘର ପାଇଁ ଡହଳ ବିକଳ ହେଉଛନ୍ତି ଟୁନା



କେନ୍ଦ୍ରାପଡ଼ା ,(ପି.ଏନ): କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତର ଦାମୋଦର ପାଟଣା ଗ୍ରାମର ଟୁନା ବେହେରା ଦୀର୍ଘ ୨୨ ବର୍ଷ ଧରି ନିଜ ଯାଗାରେ ଘର ଖଣ୍ଡେ କରିପାରୁ ନାହାନ୍ତି କି ସରକାରଙ୍କ ଦେଉଥିବା ଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମିଳୁଛି ତାଙ୍କୁ । ଜାଗା ପାଇଁ ନିଜ ନିଜର ଅଂଶିଦାର ନିଜ ନିଜର ସତ୍ୱ ପାଇବା ପାଇଁ ସବୁବେଳେ ବିବାଦ ଉପୁଜି ଥିବାରୁ ଟୁନା ତାଙ୍କ ସତ୍ୱ ପାଇପାରୁ ନାହାଁନ୍ତି। ଏହି ବିବାଦକୁ ନେଇ ଟୁନା ନିଜ ଅଞ୍ଚଳର ମୂରବୀ ଓ ଦୀର୍ଘ ବାଇଶି ବର୍ଷ ଧରି ପଞ୍ଚାୟତକୁ ନିର୍ବାଚିତ ହୋଇ ଆସୁଥିବା ସରପଞ୍ଚ ମାନେ ବି ସମାଧାନ ପାଇଁ ଚେଷ୍ଟା କରିଥିଲେ ମଧ୍ୟ କିଛି ସମାଧାନର ବାଟ ଫିଟି ପାରିନାହିଁ । ଏମିତି ଭାବରେ ଟୁନା ବାର ଓଳି ସୁଣ୍ଡି ପିଣ୍ଡା ହେବାପରେ ବହୁ କଷ୍ଟରେ ଚାଳଘରେ ପାଲତଳେ ଦୁଇ ବଖରା ଘରେ ୭ପରିବାର ରହି ଆସୁଛନ୍ତି । ହେଲେ ସେତିକିରେ ତାଙ୍କ ଦୁଃଖ ସରିନଥିଲା ମାଲି ମକଦ୍ଦମା ହୋଇ ମଧ୍ୟ କେଉଁନଶୀ ବୁଝାସୁଝା ହୋଇପାରୁନି !ଏଣୁ ଟୁନା ବେହେରା,ତାଙ୍କ ସ୍ତ୍ରୀ ଓ ତାଙ୍କ ପୁଅ, ବୋହୁ,ନାତି ଓ ଦୁଇ ନାତୁଣୀ ଏହି ଘର ଉପରେ ଅଧା ପାଲ ଘେରାଇ ରହିଥିବା ବେଳେ ଆଉ ଅଧା ଚାଳଛପର ଘରେ ଦିନରେ ସୂର୍ଯ୍ୟ କିରଣ ଓ ତାରିରେ ଜହ୍ନ ଦେଖା ଦେଉଛି । ଏଣୁ ଟୁନା ବେହେରା ଚାରି ବର୍ଷ ହେବ ପାଲ ଘୋରା ଘରେ ରହି ବର୍ଷା ଦିନରେ ଘର ଭିତରେ ବର୍ଷାପାଣି ପଶି ଯାଉଥିବାରୁ ରାତ୍ରୀରେ ନାତି ଓ ନାତୁଣୀକୁ ସୁରକ୍ଷିତ ରଖିବା ପାଇଁ ରାତ୍ରି ଅନିଦ୍ରା ହେବାକୁ ପଡୁଛି ପରିବାର ସଦସ୍ୟଙ୍କୁ କ୍ଷ ଘରେ ପାଣି ବାହାର କରିବା ଅନୁଭୁତି କହୁଥିଲେ ଟୁନା ବେହେରା ଓ ତାଙ୍କ ପରିବାର ଲୋକ ! ଏଣୁ ଟୁନା ବେହେରା ଓ ତାଙ୍କ ପରିବାର ନିଜ ପଂଚାୟତ ସରପଞ୍ଚ ଓ ନିଜଗ୍ରାମର ମୁରବିକୁ ଏବଂ ଜିଲ୍ଲାପ୍ରଶାସନ ଏବଂ ପୋଲିସ ଙ୍କୁ ନିବେଦନ କରିଛନ୍ତି ଜେ ମେତେ ନ୍ୟାୟ ଦେବାରେ ହହୋଜଗ କଲେ ମୁଁ ଓ ମୋର ପରିବାର ଚିରୂପକୃତ ହେବି !


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ଖେଳ ପର୍ଯ୍ୟବେକ୍ଷକ

Bhubaneswar Thursday June 5 | ଭୁବନେଶ୍ୱର ଗୁରୁବାର, ୫, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com

## ଅନ୍ଧକାର ଯୋଗୁଁ ବଢ଼ୁଛି ଚୋରି ଲୁଟ ଭୟ



ବେତନଟୀ ,(ପି.ଏନ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅଞ୍ଚଳର ମୁଖ୍ୟଛକ କୁହାଯାଉଥିବା ଚଣ୍ଡୀଛକ ଗୋଲେଇରେ ଅନେକ ଦିନ ଧରି ହାଇମାକ୍ସ ଲାଇଟଟି ବନ୍ଦ ହୋଇପଡ଼ିରହିଥିବା ହେତୁ ସାଧାରଣ ଯାତ୍ରୀଙ୍କୁ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି। ପୂର୍ବ ସରକାର ସମୟରେ ପ୍ରାକ୍ତନ ବିଧାୟକ ନିଜ ହାତ ପାଣ୍ଠିରୁ ଚଣ୍ଡୀଛକରେ ଏକ ବଡ ହାଇମାକ୍ସ ଲାଇଟ ଲଗେଇଥିଲେ। କିଛି ବର୍ଷ ଜଳିବା ପରେ ଏହି ଲାଇଟ କୌଣସି ଯାନ୍ତ୍ରିକ ଅସୁବିଧା କାରଣରୁ ବନ୍ଦ ହୋଇଯାଇଥିଲା। ସେହି ପାଖାପାଖି ଦୋକାନୀଙ୍କ କହିବା ଅନୁସାରେ ବହୁ ଦିନ ବନ୍ଦ ରହିବା ପରେ ଏତେ ଦିନ ଧରି ପ୍ରଶାସନ ଓ ଜନପ୍ରତିନିଧିଙ୍କର ଦୃଷ୍ଟି ନପଡିବା ଯୋଗୁଁ ଗତ ବର୍ଷ ସେହି ଆଖ ପାଖ ଦୋକାନୀମାନେ ନିଜେ ଟଙ୍କା ଉଠାଣ କରି ଲାଇଟ ଟି ଦୁଇ ଦୁଇ ଥର ମରାମତି କରିବା ପରେ ଏହାକୁ ଜଳାଇଥିଲେ। ପୁଣି କିଛି ଦିନ ଯିବା ପରେ ଏହା ପୁଣିଥରେ ଖରାପ ହୋଇଯାଇଥିଲା। ବହୁ ଦିନ ବନ୍ଦ ରହିବା ପରେ ଏହାର ସ୍ଥାୟୀ ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଏଥିପ୍ରତି କୌଣସି କୌଣସି ସ୍ଥାନୀୟ ଜନପ୍ରତିନିଧିଙ୍କ ଦୃଷ୍ଟି ନଥିବା ବହୁ ଦୁଃଖର ବିଷୟ। ଘଟଣାଅନୁସାରେ ବେତନଟୀର ମୁଖ୍ୟଛକ କୁହାଯାଉଥିବା ଚଣ୍ଡୀଛକ ଗୋଲେଇ ଦେଇ ପ୍ରତିଦିନ ଶହ ଶହ ଲୋକ ଗାଡିରେ ଯିବା ଆସିବା କରିଥାନ୍ତି । ହେଲେ ଲାଇଟ ଟି ବନ୍ଦହୋଇ ପଡି ରହିଥିବା ଯୋଗୁଁ ସଂଧ୍ୟା ରୁ ରାତି ପର୍ଯ୍ୟନ୍ତ ଏହି ଗୋଲେଇ ରାସ୍ତାଟି ଅନ୍ଧକାର ହୋଇଯିବା ଫଳରେ ଅତି ବିପଦ ଜନକ ହୋଇଯାଏ। କିଛି ମାସ ମଧ୍ୟରେ ବହୁ ବାର ଏହି ଗୋଲେଇରେ ଅନେକ ଦୁର୍ଘଟଣା ଦେଖିବାକୁ ମଧ୍ୟ ମିଳିଛି। ଅଧିକ ରାତିହେଲେ ଦୋକାନମାନଙ୍କରୁ ଚୋରି ଲୁଟର ଭୟ ରହୁଛି। ଲାଇଟ ବନ୍ଦ ରହୁଥିବା ଯୋଗୁଁ ଅନ୍ଧାରରେ ଅନେକ ବେଆଇନ ଗାଡି ସବୁ ସେହି ରାସ୍ତା ଦେଇ ଅତିକ୍ରମ କରୁଛି ସେ ପ୍ରତି ପ୍ରଶାସନର ଦୃଷ୍ଟି ରହୁନାହିଁ। ରାତିରେ ଅନେକ ଅସାମାଜିକ ବ୍ୟକ୍ତି ନିଶା ଖାଇ ବାଇକ ଯୋଗେ ସେହି ରାସ୍ତା ଦେଇ ବହୁ ଜୋରରେ ଯିବା ଆସିବା ଫଳରେ ଦୁର୍ଘଟଣାର ଭୟ ରହୁଛି। କାହା ସ୍ୱାର୍ଥରେ ଛକରେ ଲାଇଟ ଟି ମରାମତି କରାଯାଉନାହିଁ ତାହା ଅଞ୍ଚଳରେ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି। ଯେହେତୁ ପୂର୍ବସରକାର ସମୟରେ ପ୍ରାକ୍ତନ ବିଧାୟକ ଏହି ହାଇମାକ୍ସ ଲାଇଟଟି ଲଗାଇଥିଲେ ଏଣୁ ଏବେର ବିଧାୟକ ଏହି ଲାଇଟ ଟିକୁ ମରାମତି କରୁନଥିବା ବୋଲି ଆଲୋଚନା ହେଉଛି । ଆଗାମୀ ଦିନରେ ପ୍ରଶାସନ ଓ ଜନପ୍ରତିନିଧିଙ୍କ ଏଥିପ୍ରତି ଦୃଷ୍ଟି ପକାଇବାକୁ ଦାବି ହୋଇଥିବାବେଳେ ଯଥା ଶୀଘ୍ର ଏହାକୁ ମରାମତି କରାଯାଇ ଲାଇଟକୁ ଜଳାଇବା ନିଶ୍ଚିତ ଭାବେ ଜରୁରୀ ହୋଇପଡିଛି। ନହେଲେ ଆଗାମୀ ଦିନରେ ଦୁର୍ଘଟଣା ଏମିତି ବଢିଚାଲିବ ଓ ଅନ୍ଧାର ର ସାହାଯ୍ୟ ନେଇ ଅନେକ ବେଆଇନ ଗାଡି ସବୁ ରାସ୍ତା ଦେଇ ପାର ହଉଥିବ। ଏନେଇ ବେତନଟୀ ପଞ୍ଚାୟତ ଅଧିକାରୀଙ୍କୁ ବୁଝିବାରୁ କହିଲେ ଏହି ଲାଇଟଟି ଛକରେ ଥିବା ଦୋକାନୀମାନେ ଉପଭୋଗ କରୁଛନ୍ତି , ଏଣୁ ସେମାନେ ଏହାକୁ ମରାମତି କରିବେ।

## ପାରାଦୀପ ବନ୍ଦର ପକ୍ଷରୁ ଅଗ୍ନି ନିରାପତ୍ତା:ସପ୍ତାହ ଉଦଯାପିତ




ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଅଗ୍ନି ନିରାପତ୍ତା ସପ୍ତାହ ସଫଳତାର ସହିତ ସମାପିତ ହୋଇଯାଇଛି । ଏପ୍ରିଲ ମାସ ୧୪ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ସପ୍ତାହବ୍ୟାପି କାର୍ଯ୍ୟକ୍ରମରେ ପାରାଦୀପ ସହରର ବିଭିନ୍ନ ଗଣଅନୁଷ୍ଠାନ, ସ୍ୱେଚ୍ଛାସେବୀମାନେ ସାମିଲ ହୋଇ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ବିଭିନ୍ନ ସ୍ଥାନରେ କର୍ମଶାଳା, ଅଗ୍ନି ନିର୍ବାପନର କୌଶଳ, ଜନ ସଚେତନତା ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ପାରାଦୀପ ଅଗ୍ନିଶମ ବାହିନୀ ଏଥି ନିମନ୍ତେ ସମସ୍ତଙ୍କ ସହଯୋଗକୁ କୃତଜ୍ଞତା ଜଣାଇଥିଲେ । ପାରାଦୀପ ବନ୍ଦର ଗେଟ୍ ନମ୍ବର-୪ ନିକଟରେ ଥିବା ଦମକଳ କେନ୍ଦ୍ରଠାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା ଯୋଗ ଦେଇ ଜନସାଧାରଣ ସଚେତନ ହେଲେ ଅଗ୍ନିକାଣ୍ଡ ଜନିତ ବିପର୍ଯ୍ୟୟରୁ ରକ୍ଷା ପାଇପାରିବା ବୋଲି ମତ ଦେଇଥିଲେ । ଭୟଭୀତ ନ ହୋଇ ଉପସ୍ଥିତ ବୁଦ୍ଧି ପ୍ରୟୋଗ କଲେ ଆମେ ବଡ ବିପର୍ଯ୍ୟୟରୁ ରକ୍ଷା ପାଇ ପାରିବା ବୋଲି ମୁଖ୍ୟଅତିଥି ଶ୍ରୀ ଦାସଗୁପ୍ତା ମତବ୍ୟକ୍ତ କରିଥିଲେ । କମାଣ୍ଡାଣ୍ଟ ସନତ କୁମାର ପଟେଲ ଏହି ଉଦଯାପନୀ ସମାରୋହରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

## କାଳିଆପାଣି ଇଙ୍ଗା ଖଣି ମୁଖ୍ୟ ଫାଟକ ସାମ୍ନାରେ ଶ୍ରମିକଙ୍କ ଆନ୍ଦୋଳନ



କଳିଙ୍ଗ ନଗର(ପି.ଏନ): କାଳିଆପାଣି ଖଣି ଅଞ୍ଚଳର ଦିନ କୁ ଦିନ ଶ୍ରମିକ ଅଶାନ୍ତ ଦେଖାଦେଇଛି । ଠିକା ବୋଝେଇ ଶ୍ରମିକଙ୍କ ନିୟମିତ କର୍ମନିଯୁକ୍ତି ଦାବିରେ ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିଅନ (ଓଏମଡବ୍ଲ୍ୟୁ) ପକ୍ଷରୁ ଗତ ୧୭ ତାରିଖରୁ ଇଙ୍ଗା ଖଣିରେ ଅମଳେନ୍ଦୁ ବେହୁରାଙ୍କ ନେତୃତ୍ୱରେ ଆନ୍ଦୋଳନ ଓ ଗଣଧାରଣା ଜାରି ରହି ଆଜି ପଞ୍ଚମ ଦିନରେ ପହଞ୍ଚିଛି। ମୁଖ୍ୟତଃ କ୍ରୋମ୍ ପରିବହନ କାର୍ଯ୍ୟରେ ବ୍ୟବହୃତ ମେସିନ ତୁରନ୍ତ ପ୍ରତ୍ୟାହାର କରି କର୍ମନିଯୁକ୍ତି ସୃଷ୍ଟି ପାଇଁ ଶ୍ରମିକମାନେ ଅଡ଼ି ବସିଛନ୍ତି ଶ୍ରମିକ।ଏହି ଖଟିଖିଆ ଶ୍ରମିକ ପରିବାର ପକ୍ଷରୁ ମାସକୁ ଅତିକମ୍ବରେ ୨୬ଦିନର କାର୍ଯ୍ୟ ନେଇ ଦାବି ରହିଛି। ଇଙ୍ଗା କର୍ତ୍ତୃପକ୍ଷ ଏହାକୁ ଗ୍ରହଣ ନକରିବା ପ୍ରତିବାଦରେ ଆଜି ଆନ୍ଦୋଳନରେ ପ୍ରାୟ ୫୦୦ଊର୍ଦ୍ଧ୍ୱ ଶ୍ରମିକଙ୍କ ଉପସ୍ଥିତରେ ତୀବ୍ରତର ହୋଇଥିବା ଦେଖିବାକୁ ମିଳିଛି। ଏଥିପାଇଁ ଖଣିରେ ଖନନ, କ୍ରୋମ୍ ଉତ୍ତୋଳନ ଓ ଆନୁଷଙ୍ଗିକ ଖଣିକାର୍ଯ୍ୟ ସହିତ ପରିବହନ ସଂପୂର୍ଣ୍ଣ ବ୍ୟାହତ ହୋଇଛି। ସମ୍ଭାବ୍ୟ ଆଇନଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ପୁଲିସ ଫୋର୍ସ ମୁତୟନ ରହିଛନ୍ତି। ଏ ସଂପର୍କରେ ଇଙ୍ଗାର ଅଧିକାରୀଙ୍କ ସହ ଯୋଗାଯୋଗ ପାଇଁ ଉଦ୍ୟମ ହୋଇଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା । ଏପଟେ ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିଅନ (ଓଏମ୍?ଡବ୍ଲ୍ୟୁ) ପକ୍ଷରୁ ଯଦି ଦାବି ପୂରଣ ନହୁଏ ଆଗାମୀ ଦିନରେ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି।ତେବେ ଦେଖିବାକୁ ବାକି ରହିଲା କେବେ ଶ୍ରମିକଙ୍କ ହକ ମିଳୁଛି ।ଉକ୍ତ ଆନ୍ଦୋଳନରେ ଓଡ଼ିଶା ମାଇନିଂ ୱାର୍କର୍ସ ୟୁନିଅନ କର୍ମକର୍ତ୍ତା ଓ ଠିକା ବୋଝେଇ ଶ୍ରମିକ ଉପସ୍ଥିତ ଥିଲେ।

## ବେତନଟୀରେ ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଦିବସ ପାଳନ



ବେତନଟୀ ,(ପି.ଏନ): ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଦିବସରେ ବେତନଟୀର ବିଭିନ୍ନ ସ୍ଥାନରେ ସ୍ଥାପିତ ମହାପୁରୁଷ ବା ନାମୀଦାମୀ ବ୍ୟକ୍ତି ବିଶେଷଙ୍କ ପ୍ରତିମୂର୍ତ୍ତିକୁ ଧୋଇବା ସହ ସେମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଏବଂ ଧୂପଦୀପଦାନ ଆଦି ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସମାଜସେବୀ ରବୀନ୍ଦ୍ର ନାଥ ମିଶ୍ର ଓ ଅରୁଣ କୁମାର ଓତାଙ୍କ ସଂଯୋଜନରେ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ,ସଦସ୍ୟାଗଣ ପ୍ରାତଃକାଳରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ସିଭିଲ ସୋସାଇଟି, ବରିଷ୍ଠ ନାଗରିକ ସଂଘ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ପଦ୍ମମାଳୀ ମହିଳା ସଂଗଠନ, ମୟୁର ସାହିତ୍ୟ ସଂସଦ, ଏମ: ପି.ସି. ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଗଣ ଅନ୍ୟତମ । ଏତଦ୍ ବ୍ୟତୀତ ପ୍ରଧାନଶିକ୍ଷକ ଅର୍ଜୁନ ସିଂ, ତପନ କୁମାର ପରିଡା, ବାପି ପରିଡା, ଡଃ ସିପୁନ ପଣ୍ଡା, ମହେଶ୍ୱର ପଣ୍ଡା, କୁଶଧର ବେହେରା, ଜ୍ଞାନରଞ୍ଜନ ବେହେରା ପ୍ରମୁଖ ଅନ୍ତର୍ଭୁକ୍ତ । ବେତନଟୀ ବଜାର ପରିକ୍ରମାରେ ଯାଇ ଚଣ୍ଡୀଛକସ୍ଥିତ ମଧୁସୂଦନ ଦାସ, ହାଟଛକରେ ସୁଭାଷ ଚନ୍ଦ୍ର ବୋଷ, ଡାକ୍ତରଖାନା ପରିସରରେ ମହାତ୍ମା ଗାନ୍ଧି ଓ ଶାସ୍ତ୍ରୀଜୀ, ବଙ୍ଗଳାଛକରେ ପ୍ରସନ୍ନ କୁମାର ଦାଶ, ବାହାନଡା ଛକରେ ଗୋପବନ୍ଧୁ ଦାସ, ଏମ ପି ସି ଉଚ୍ଚ ବିଦ୍ୟାଳୟ ପରିସରରେ ଶରତ ଚନ୍ଦ୍ର ଦାସ ଆଦିଙ୍କ ପ୍ରତିମୂର୍ତ୍ତି ଧୋଇବା ସହ ପୂଜାର୍ଚ୍ଚନା କରାଯାଇଥିଲା । ସେହିପରି ବେତନଟୀ ଉପକଣ୍ଠ ମହୁଲିଆଠାରେ ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ।

## କିଟ୍‌ରେ ପଢୁଥିବା କିସ୍‌ର ୧ଶହ ଛାତ୍ରଛାତ୍ରୀ ପାଇଲେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ



ଭୁବନେଶ୍ୱର,(ପି.ଏନ): କିଟ୍‌ରେ ପଢୁଥିବା କିସ୍‌ର ୧ଶହ ଛାତ୍ରଛାତ୍ରୀ ଇତି ମଧ୍ୟରେ ବିଭିନ୍ନ କମ୍ପାନୀରେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇଛନ୍ତି। କିଟ୍‌ରେ ଆଇଟିଆଇ, ପଲିଟେକ୍‌ନିକ୍, ବିଟେକ୍, ରୁରାଲ ମ୍ୟାନେଜମେଣ୍ଟ ଆଦି ପାଠ୍ୟକ୍ରମରେ ପାଠ ପଢୁଥିବା କିସ୍‌ର ଏହି ଛାତ୍ରଛାତ୍ରୀମାନେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇବାରେ ସଫଳ ହୋଇଛନ୍ତି। ଏହି ପିଲାଙ୍କ ମଧ୍ୟରୁ କିସ୍‌ର ଶକୁନ୍ତଳା ସୋରେନ୍ ଜିଇ ହେଲ୍‌ଥକେୟାର କମ୍ପାନୀରେ ସର୍ବାଧିକ ୯.୫ ଲକ୍ଷ ଟଙ୍କା ବାର୍ଷିକ ପ୍ୟାକେଜରେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇଛନ୍ତି। ଏଥିରେ କିସ୍ ଛାତ୍ରଛାତ୍ରୀମାନେ ସର୍ବନିମ୍ନ ୪ଲକ୍ଷ ଟଙ୍କା ପ୍ୟାକେଜରେ ନିଯୁକ୍ତି ପତ୍ର ପାଇଛନ୍ତି। ଏହି ଛାତ୍ରଛାତ୍ରୀଙ୍କ ବ୍ୟତୀତ କିସ୍‌ର ଆଉ କିଛି ଛାତ୍ରଛାତ୍ରୀ ମଧ୍ୟ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୂଚନାଯୋଗ୍ୟ, ପ୍ରତିବର୍ଷ କିସ୍‌ର ପ୍ରାୟ ୨ଶହ ମେଧାବୀ ଛାତ୍ରଛାତ୍ରୀ କିଟ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ ପାଠ୍ୟକ୍ରମରେ ବିନାଦେୟରେ ବୈଷୟିକ ଉଚ୍ଚ ଶିକ୍ଷା ଲାଭ କରିବାର ସୁଯୋଗ ପାଇଥାନ୍ତି। କିସ୍‌ର ସେହି ମେଧାବୀ ପିଲାମାନେ କିପରି ଭଲ ପାଠ ପଢ଼ି ଯୋଗ୍ୟତା ଅର୍ଜନ କରି ବିଭିନ୍ନ ଜାତୀୟ ଓ ବହୁଜାତିକ କମ୍ପାନୀରେ ନିଯୁକ୍ତି ପାଇବେ ସେଥିପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିସ୍ କର୍ତ୍ତୃପକ୍ଷଙ୍କ ଜରିଆରେ ବ୍ୟାପକ ବନ୍ଦୋବସ୍ତ କରିଥାନ୍ତି। ଫଳରେ କିସ୍‌ର ଏହି ପିଲାମାନେ କ୍ୟାମ୍ପସ୍ ପ୍ଲେସ୍‌ମେଣ୍ଟ କ୍ଷେତ୍ରରେ ମଧ୍ୟ ସଫଳତା ହାସଲ କରିଥାନ୍ତି। ଏହି ସଫଳ ଛାତ୍ରଛାତ୍ରୀମାନେ ଆଜି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ତାଙ୍କଠାରୁ ଆଶୀର୍ବାଦ ନେଇଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray